

# ଜିଲ୍ଲା ସମେତ ସହରରେ କାର୍ତ୍ତିକେଶ୍ୱର ପୂଜା ପାଳିତ



## ବଢୁଛି ଶ୍ରଦ୍ଧାଳୁଙ୍କ ଡାଲା

ବାଲେଶ୍ୱର(ନି.ପ୍ର.): ବାଲେଶ୍ୱର ଜିଲ୍ଲା ସମେତ ସହରରେ ଭଗବାନ କାର୍ତ୍ତିକେଶ୍ୱରଙ୍କ ବାର୍ଷିକ ପୂଜା ଶନିବାର ରାତିରେ ଧୁମଧାମରେ ପାଳିତ ହୋଇଯାଇଛି । ଯଦିଓ କୋଭିଡ୍ ଗାଇଡ୍‌ଲାଇନ ଉଠିନାହିଁ ହେଲେ ଶ୍ରଦ୍ଧାଳୁମାନଙ୍କ ଉତ୍କଣ୍ଠା ଏବଂ ଭକ୍ତିଭାବ କିଛି କମିନାହିଁ । ବାଲେଶ୍ୱର ଜିଲ୍ଲା ସମେତ ସହରରେ ବୁଢ଼ାକାର୍ତ୍ତିକ, ଲାଲାବଜାର, ଡିକେଲଜ ଓ ଅନ୍ୟାନ୍ୟ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ବାର୍ଷିକ ପୂଜା ଚଉଦପ୍ରହରରେ ଶେଷ ହୋଇଛି । ସନ୍ଧ୍ୟାରେ ଘଟ ଉତୋଳନ ସାଙ୍ଗକୁ ପୂଜା, ହୋମ,ଯଜ୍ଞ, ଶ୍ରଦ୍ଧାଳୁଙ୍କ ଡାଲାପୂଜା ଏବଂ ପୁଷ୍ପାଂଜଳି ପ୍ରକ୍ରିୟା କାର୍ଯ୍ୟକ୍ରମ ଶେଷହୋଇଥିଲା ପ୍ରତ୍ୟୁଷରୁ ।

ଖବରନେବାରୁ ଜଣାପଡ଼ିଛି ବାରବାଟୀ ବୁଢ଼ାକାର୍ତ୍ତିକେଶ୍ୱର ପୂଜା ମଣ୍ଡପରେ ପାଖାପାଖି ୧ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଡାଲା ଭୋଗପାଇଁ ଲାଗିଥିବା ବେଳେ ଲାଲା ବଜାରରେ ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଡାଲା ଏବଂ ଷ୍ଟେସନ ଡିକେଲଜ ଠାରେ ପାଖାପାଖି ୨୫୦ରୁ ଉର୍ଦ୍ଧ୍ୱ ଡାଲା ଲଗାଯାଇଥିଲା କାର୍ତ୍ତିକେଶ୍ୱରଙ୍କ ନିକଟରେ । ଖବରରୁ ପ୍ରକାଶଯେ, ପୂର୍ବରୁ ପ୍ରବାଦ ରହିଛି କାର୍ତ୍ତିକେଶ୍ୱରଙ୍କ ଠାରେ ମାନସିକ ରଖିଲେ କାର୍ତ୍ତିକେଶ୍ୱରଙ୍କ ଭଳି ଏକ ପୁତ୍ର ସନ୍ତାନ ଲାଭ କରିବାପାଇଁ । ସେହି ପ୍ରବାଦ ଅଦ୍ୟାବଧି ପ୍ରଚଳିତ ହୋଇଆସୁଛି । ହେଲେ ଏବେ ଅତ୍ୟାଧୁନିକ ଯୁଗରେ ବିଭିନ୍ନ କିସମର ମାଦକଦ୍ରବ୍ୟ ଉଭୟ ସ୍ୱାମୀସ୍ତ୍ରୀ ଖାଇବା ଏବଂ ନିଜ ଶରୀର ପ୍ରତି ଅତ୍ୟାଚାର କରିବା ଓ ବିଭିନ୍ନ କିସମର କ୍ଷତିକାରକ ଔଷଧ ସେବନ କରିବା ଫଳରେ ଏବେ ଆଉ ମହିଳାମାନେ ସନ୍ତାନସନ୍ତତି ଜନ୍ମ କରିପାରୁନାହାଁନ୍ତି । ଯାହାକୁ ନେଇ ପ୍ରତ୍ୟେକ ଘରେଘରେ ଅଶାନ୍ତିର ବହ୍ନି ଦେଖିବାକୁ ମିଳିଛି । ତେଣୁ ପୂର୍ବ ପ୍ରବାଦକୁନେଇ ମହିଳାମାନେ ଏବେ କାର୍ତ୍ତିକେଶ୍ୱରଙ୍କ ନିକଟରେ ମାନସିକ ବ୍ରତ ରଖି ଡାଲା ଲଗାଉଥିବା ଦେଖିବାକୁ ମିଳିଛି । ଏହାଛଡ଼ା ବିଭିନ୍ନ ପୂଜାମଣ୍ଡପକୁ ଉଜ୍ଜ୍ୱଳ ଆଲୋକମାଳାରେ ସାଜସଜ୍ଜା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳିଛି ।

# କଂଗ୍ରେସ ପକ୍ଷରୁ ଖାନନଗର ଜି.ପି.ରେ ଜନ ସଚେତନତା ସଭା

ବାଲେଶ୍ୱର ,(ନି.ପ୍ର.) ସଦରବ୍ଲକ ରେମୁଣା ନିର୍ବାଚନ ମଣ୍ଡଳୀ ଅଧିନସ୍ତ ଖାନନଗର ଗ୍ରାମ ପଂଚାୟତ ବାଙ୍ଗରା ରେ ପୂର୍ବତନ ସରପଂଚ, ତଥା । କଂଗ୍ରେସ ର ଖାନନଗର ଗ୍ରାମପଂଚାୟତ ସଭାପତି ମଙ୍ଗ ସିଂ ଙ୍କ ଆହ୍ୱାନ ରେ ବିଜେପି ସରକାର ଙ୍କ ଭତା, ବିଜୁଳି ଶୁଳ୍କ ଦେୟ, ଭୂମି ହିନ ଜମିପଟ୍ଟା, ପରିଚାଳନା ତ୍ରୁଟି ବିରୁଦ୍ଧରେ ଜନ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇ ଅଛି ।ଏହି ସଭାକୁ ପିସିସି ସଦସ୍ୟ ବିକାଶ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଏଡ଼ଭୋକେଟ ଅକ୍ଷୟ ମଲ୍ଲିକ, କହ୍ନେଇ ବେହେରା, କୁମୁଦୁନି ଦାଶ, ପ୍ରଫୁଲ୍ଲ ନାୟକ, ନିରଞ୍ଜନ ଦାସ, ନିରଞ୍ଜନ ସେଠୀ, ବଙ୍କବିହାରି ବେହେରା, ମଂଚାସିନ ରହି କିଭଳି ଭାବେ ବିଜେପି ଦଳ ଓ ବିଜେପି ଶୀର୍ଷ ନେତା ମାନେ ନିର୍ବାଚନ ପୂର୍ବରୁ ଲୋକ ମାନଙ୍କୁ ମିଛ ପ୍ରତିଶୃତି ଦେଇ ଯଥା ସମସ୍ତ ଭତା କୁ ୩୦୦୦ ଟଙ୍କା କରିବା, ବିଜୁଳି ଶୁଳ୍କ ୩୦୦ ୟୁନିଟି ଛାଡ଼ କରିବା, ସମସ୍ତ ଭୂମିହୀନ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରିବା, ନିତ୍ୟବ୍ୟବହାର ଜିନିଷ ର ମୂଲ୍ୟ ବୃଦ୍ଧି କୁ ନିଅନ୍ତ୍ରଣ କରିବା ଆଦି ପ୍ରତିଶୃତି ନିର୍ବାଚନ ଜିତିବା ପରେ ସେସବୁ ପ୍ରତିଶ୍ରୁତିରୁ ଓହରି



ଯିବା, ବିଜେପି ଦଳର ମିଛ ପ୍ରତିଶୃତି ଓ ସାଧାରଣ ଲୋକଙ୍କ ସହ ଛଳନା ର ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ ।ଏଥିପାଇଁ ଆନ୍ଦୋଳନ ର ଆବଶ୍ୟକ ଅଛି ବୋଲି ବକ୍ତା ମାନେ ବକ୍ତବ୍ୟରେ କହିଥିଲେ ।ତେଣୁ ସମସ୍ତେ ଏକମନରେ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଲଢେଇ ପାଇଁ ପ୍ରସ୍ତୁତ ହେବାକୁ ମତ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ହରେନ୍ଦ୍ର ମହାଳିକ, ଟିକିନ ମହାଳିକ, ନିରଞ୍ଜନ ଜେନା, ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜନ୍ମଜୟନ୍ତୀ ଅନୁଷ୍ଠିତ

ବାଲେଶ୍ୱର (ନି.ପ୍ର.) ଗୁରୁବାର ସକାଳ ୧୦:୩୦ ମିନିଟ ସମୟରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଜନ୍ମଜୟନ୍ତି ଅନୁଷ୍ଠିତ ହୋଇଯାଇଅଛି ।ଏହି ଜନ୍ମଜୟନ୍ତି ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଗୋପୀନାଥ ପାଢ଼ୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ବାଲେଶ୍ୱର ଜିଲ୍ଲା କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗର ଜିଲ୍ଲା ଅଧ୍ୟକ୍ଷ ତଥା ପିସିସି ସଦସ୍ୟ ବିକାଶ କୁମାର ଦାସ, ପିସିସି ସାଧାରଣ ସମ୍ପାଦିକା ଅର୍ଚ୍ଚନା ନଦୀ, ଯୁବନେତା



ସରୋଜ ଲେଙ୍କା, କହ୍ନେଇ ବେହେରା, ଜୀବନ କୃଷ୍ଣ ବାରିକ, ଉର୍ମିଳା ମାଝୀ, ଅକ୍ଷୟ ମଲ୍ଲିକ, ରମେଶ ଚନ୍ଦ୍ର ଦାସ, ବିଦ୍ୟାଧର ମହାନ୍ତି, ରାଜୀବ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ ।ଚାଚା ନେହେରୁ ଅମର ରହେ ଧ୍ୱନି ଦେଇ ସମସ୍ତେ ଗୋଟେ ମିନିଟ ନିରବ ପ୍ରାର୍ଥନା କରିବା ସହ ନେହେରୁଜୀ ଙ୍କ ଫୋଟଚିତ୍ର ରେ ପୁଷ୍ପାଞ୍ଜଳି ଦେଇ ଉପସ୍ଥିତ ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଖଣ୍ଡେଶ୍ୱର ଶୈବପୀଠରେ ବୋଇତ ବନ୍ଦାଣ ଉତ୍ସବ

ବାଲେଶ୍ୱର (ନି.ପ୍ର.) : ରେମୁଣା ବ୍ଲକ ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମପଂଚାୟତ ଖଣ୍ଡେଶ୍ୱର ମହାଦେବ ଶୈବପୀଠରେ ବୋଇତ ବନ୍ଦାଣ ଉତ୍ସବ କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ୧୫ ତାରିଖ ପ୍ରତ୍ୟୁଷରୁ ସହସ୍ରାଧିକ ଶ୍ରଦ୍ଧାଳୁ ଭଜନ, କୀର୍ତ୍ତନ ମାଧ୍ୟମରେ ଶ୍ରୀ ଜୀଉଙ୍କ ପୀଠସ୍ଥଳୀରେ ମଙ୍ଗଳ ଆଳତୀ ସାଙ୍ଗକୁ କୀର୍ତ୍ତନ କରିବା ସହ ଶ୍ରଦ୍ଧାଳୁମାନେ ଖଣ୍ଡେଶ୍ୱର ମହାଦେବଙ୍କ ପୋଖରୀରେ ବୋଇତ ବନ୍ଦାଣ କରିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବତନ ସରପଂଚ ଶରତ ନାୟକ ଓ ତାଙ୍କର ସହଧର୍ମିଣୀ ଶାନ୍ତିଲତା ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।



# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ଶିଶୁ ଦିବସ ପାଳନ ଅବସରରେ 'ରେବତୀ' ନାଟିକା

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ସହର ଉପକଣ୍ଠ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ୭୫ତମ ଜୟନ୍ତୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଗହଣରେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଅନୁଷ୍ଠାନର ଉପାଧ୍ୟକ୍ଷ କବି ଶ୍ରୀଦେବ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର ଏବଂ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ସରୋଜିନୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚାଚା ନେହେରୁଙ୍କ ସଂପର୍କିତ ଜାତୀୟ ସଂହତି ମୂଳକ ସଂଗୀତ ପରିବେଷଣ କରିବା ସଂଗେସଂଗେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ 'ରେବତୀ'କୁ ନାଟ୍ୟ ରୂପାନ୍ତର କରାଯାଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ



ତଥା ଅଭିଭାବକମାନଙ୍କୁ ବିମୋହିତ କରିଥିଲା । ଏହି ଅବସରରେ ୭୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଉ□ର୍ଣ୍ଣ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ପରିଚାଳନା ମୁଖ୍ୟ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନ ପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଏଚ୍.ଏଚ୍. ଶ୍ରୀରାମ, ରଜତ ଦାସଅଧିକାରୀ, ରାଜେନ୍ଦ୍ର ପ୍ରସାଦ ଘୋଷ, ପ୍ରଣୀତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ମୋନାଲିସା ପଣ୍ଡା, ଗୁଲେସାମା ସାହିନ୍, ନହିଦ୍ ସୁଲ୍‌ତାନ୍, ଆଫ୍ରିନ୍ କାଦ୍ରି, ଭାଗ୍ୟଲକ୍ଷ୍ମୀ ବେହେରା, ଜିତେନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ବେହେରା, ଜୟନ୍ତୀ ଦାସ, କୀ□ ସେନ୍, ଅଜୟ କୁମାର ପ୍ରଧାନ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ ।

# ବାଲିଘାଟ ବୋଇତ ବନ୍ଦାଣ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ବାଲେଶ୍ୱର (ନି.ପ୍ର.) ଚଳିତ ବର୍ଷ ବାଲିଘାଟ ସୁରକ୍ଷା କମିଟି ମାଧ୍ୟମରେ ଆୟୋଜିତ ବୋଇତ ବନ୍ଦାଣ ଓ ବାଲିମେଳା ମହୋତ୍ସବ-୨୦୨୪ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ । ଏହି ପରିପ୍ରେକ୍ଷୀରେ ୧୬ ତାରିଖ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ ଯୋଗ ଦେଇଥିବା ବେଳେ ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ ରାଉତ ଏବଂ ବାଲେଶ୍ୱର ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ବରିଷ୍ଠ କାଉନସିଲର ମୀନା ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ ଅଧ୍ୟକ୍ଷତା କରିଥିଲେ ବିଶିଷ୍ଟ



ସମାଜସେବୀ ଗଗନ ରାଉତ । ହେସିପରି ୧୫ ତାରିଖ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମ ସଭାରେ ମଂଚରେ ଯୋଗ ଦେଇଥିଲେ ମୀନା ମହାନ୍ତି, ହରେନ ଚନ୍ଦ୍ର ରଣା ଏବଂ ଗଗନ ରାଉତ ଓ ଅନୁଷ୍ଠାନର କର୍ମକର୍ତ୍ତା ବୃନ୍ଦ । ଏହି ପରିପ୍ରେକ୍ଷୀରେ ଶିଶୁମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି ।

# ଇପିଏଫ୍ ପେନସନ୍‌ଭୋଗୀଙ୍କ ଦାବି ଦିବସରେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ

ବାଲେଶ୍ୱର(ନି.ପ୍ର.): ବିଭିନ୍ନ ସରକାରୀ ଉଦ୍ୟୋଗ, ସମବାୟ ବ୍ୟାଙ୍କ ଏବଂ ବହୁ ଘରୋଇ ଶିଳ୍ପ ଓ ବ୍ୟବସାୟ ସଂସ୍ଥାରେ କାର୍ଯ୍ୟ କରି ଚାକିରିରୁ ଅବସର ନେଇଥିବା ଶତାଧିକ ଇପିଏଫ୍ ପେନସନ୍‌ଭୋଗୀ ବରିଷ୍ଠ ନାଗରିକମାନେ ଶନିବାର ଦିନ ସହଦେବଖୁ□ା ଥାନା ସମ୍ମୁଖରୁ କଚେରୀ ଫାଟକ ପର୍ଯ୍ୟନ୍ତ ମାନବ ଶୃଙ୍ଖଳ ପ୍ରଦର୍ଶନ କରି ପ୍ରବଳ ସୂର୍ଯ୍ୟତାପରେ ଦଣ୍ଡାୟମାନ ହୋଇଥିଲେ । ମଧ୍ୟାହ୍ନ ୧୨ଟାରେ ଜିଲ୍ଲାପାଳଙ୍କ ଜରିଆରେ ଏହି ବରିଷ୍ଠ ନାଗରିକମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ମାସିକ ସର୍ବନିମ୍ନ ୯ ହଜାର ଟଙ୍କା ପେନସନ୍, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଉଚ୍ଚବେତନ ପାଇଥିବା କର୍ମଚାରୀଙ୍କୁ ଆନୁପାତିକ ହାରରେ ଅଧିକ ପେନସନ୍, ମହଙ୍ଗାଭ□ା ଓ ଇପିଏଫ୍ ପେନସନ୍‌ଭୋଗୀଙ୍କୁ ସରକାରୀ ସ୍ୱାସ୍ଥ୍ୟବୀମା ପ୍ରଦାନ ପାଇଁ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ ବାଲେଶ୍ୱର ଦାବି ଦିବସ ପାଳନ ଅବସରରେ ଏହି ବରିଷ୍ଠ ନାଗରିକମାନେ ଏକ ଅଭିନବ ଉପାୟରେ କେନ୍ଦ୍ର ସରକାରଙ୍କ ଅବହେଳାର ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ଦୀର୍ଘ ବର୍ଷ କାର୍ଯ୍ୟକାରୀ ଅବସର ନେବା ପରେ ବହୁ କର୍ମଚାରୀ ମାସିକ ୭ଶହ କିମ୍ବା ୮ଶହ ଟଙ୍କା ପେନସନ୍ ପାଉଥିବାର ସେମାନେ ଅଭିଯୋଗ



କରିଥିଲେ । ଆକାଶଛୁଆଁ ଦରଦାମ୍ ବୃଦ୍ଧି ହେଉଥିଲେ ମଧ ଏମାନଙ୍କୁ ମହଙ୍ଗାଭ□ା ପ୍ରଦାନ କରାଯାଏ ନାହିଁ । କେନ୍ଦ୍ର ସରକାର ଦେଶର ପ୍ରାୟ ୭୮ ଲକ୍ଷ ଇପିଏଫ୍ ପେନସନ୍‌ଭୋଗୀଙ୍କ ଦାବିପ୍ରତି କର୍ଣ୍ଣପାତ କରୁ ନଥିବାରୁ ଆସନ୍ତା ଡିସେମ୍ବର ୧୮ ତାରିଖ ଦିନ ନୂଆଦିଲ୍ଲୀସ୍ଥିତ ଜନ୍ତରମନ୍ତର ମଇଦାନରେ ଲକ୍ଷାଧିକ ଇପିଏଫ୍ ପେନସନ୍‌ଭୋଗୀଙ୍କ ସମାବେଶରେ ବାଲେଶ୍ୱରରୁ ସାଥିମାନେ ଯୋଗଦେବାକୁ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖ ସମାବେଶରେ ରାଜ୍ୟ କମିଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାପକ୍ଷରୁ ଜଳଧର ପଣ୍ଡା, ପରମେଶ୍ୱର ପାତ୍ର, ଶ୍ୟାମସୁନ୍ଦର ଜେନା, ପରମେଶ୍ୱର ପାତ୍ର, ଶରତ ଚନ୍ଦ୍ର ଦଳାଇ, ହରିଶ୍ଚନ୍ଦ୍ର ସାହୁ, ରତ୍ନାକର ପଣ୍ଡା, ଲମ୍ବୋଦର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# କଣ୍ଠଶିଳ୍ପୀ ମନ୍ଦିରା ବେହେରାଙ୍କ ଦେହାନ୍ତ

ବାଲେଶ୍ୱର,(ନି.ପ୍ର.): ବରିଷ୍ଠ ଇଂଜିନିୟର ଶିବପ୍ରସାଦ ବେହେରାଙ୍କ ପତ୍ନୀ ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁ ସୁକୁମାର ସାହୁଙ୍କ ଜ୍ୟେଷ୍ଠାକନ୍ୟା କଣ୍ଠଶିଳ୍ପୀ ମନ୍ଦିରା ବେହେରାଙ୍କର ଶନିବାର ଦିନ ମିର୍ଜା ପୋଖରୀ ନିକଟସ୍ଥ ବାସଗୃହରେ ଦେହାନ୍ତ ହୋଇଯାଇଛି । ସେ ଦୀର୍ଘଦିନ ଧରି ଜରାଜନିତ ରୋଗରେ ପିଡ଼ିତ ଥିଲେ । ସେ ଜଣେ ଧର୍ମପରାୟଣ, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ମହିଳା ଭାବେ ସମସ୍ତଙ୍କର ଆଦରଣୀୟା ଥିଲେ । ତାଙ୍କ ମୃତ୍ୟୁଶଯ୍ୟା ପାଖରେ ପୁତ୍ର ସୌରଭ, ପୁତ୍ରବଧୂ ରେଖା, ଝିଅ ସୁଚରିତା, ଜ୍ୱାଇଁ ବିଶ୍ୱର କୁମାର ନାୟକ ଓ ନାତିନାତୁଣି ପ୍ରମୁଖ



ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବରିଷ୍ଠ ରୋଟାରିୟାନ୍ ସୁବ୍ରତ୍ କର, ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ାଙ୍କ ସମେତ, ଭୁବନାନନ୍ଦ ସାହୁ, ଭବେଶ ପଣ୍ଡା, ଇନ୍ତେକାବ୍ ଅଲ୍ଲୀ ଖାଁ, କର୍ଣ୍ଣେଲ୍ କ୍ଷେତ୍ରମୋହନ ମହାପାତ୍ର, ଜୟନ୍ତ ବେହେରା, ସଂଗ୍ରାମ ଦାସ ଓ ପ୍ରଣିତା ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷଦର୍ଶନ କରିଥିଲେ । ଅପରାହ୍ନରେ ତାଙ୍କ ମରଶରୀରକୁ ନୁଣିଆଯୋଡ଼ି ନିକଟସ୍ଥ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ଶ୍ରୀମତୀ ବେହେରାଙ୍କ ବିୟୋଗରେ ସ୍ଥାନୀୟ ଅ□ଳରେ ଶୋକଛାୟା ଖେଳିଯାଇଛି ।

# ବ୍ୟାସକବି ନଗରରେ କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ମୁରୁଜ ପ୍ରତିଯୋଗିତା

ବାଲେଶ୍ୱର(ନି.ପ୍ର.): ପ୍ରତିବର୍ଷଭଳି ଚଳିତବର୍ଷ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଦିନ ସହଦେବଖୁ□ାସ୍ଥିତ ବ୍ୟାସକବିନଗରର ଶ୍ରୀଶ୍ରୀ ବିଶ୍ୱେଶ୍ୱରଙ୍କ ମନ୍ଦିର ପରିସରରେ ମହିଳା ଓ କିଶୋରୀମାନଙ୍କ ମଧ୍ୟରେ ମୁରୁଜ ପ୍ରତିଯୋଗିତା ଓ ଅନ୍ନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରୁ ମନ୍ଦିରର ପ□ୁକ ବ୍ରତଧାରୀ ଶହଶହ ଶ୍ରଦ୍ଧାଳୁଙ୍କ ମଙ୍ଗଳ ଆଳତି ଦର୍ଶନପାଇଁ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁରୁଜ ପ୍ରତିଯୋଗୀମାନଙ୍କ କୃତିକୁ ବରିଷ୍ଠ ଚିତ୍ରଶିଳ୍ପୀ କେଶୁଦାସ ମୂଲ୍ୟାୟନ କରିଥିଲେ । ୪ଜଣ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆସନ୍ତା ବ୍ୟାସକବିଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯିବ । ବ୍ୟାସକବି ନଗର ଓ ରୟାଲ୍ କ୍ଲବ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷଭଳି ଚଳିତବର୍ଷ ମହାସମାରୋହରେ ସମାପ୍ତ ହୋଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଅ□ଳ ବାସିନ୍ଦା ଓ ବାଲେଶ୍ୱର ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ



ଦେଇଥିଲେ । ସଞ୍ଜୟ ଚୌଧୁରୀ, ବିନୋଦ ପଣ୍ଡା, ନରେନ୍ଦ୍ର ସ୍ୱାଇଁ, ଡମ୍ବରୁଧର ପ୍ରଧନା, ରଞ୍ଜନ ଭୋଇ, ଭଗବାନ ମହନୀ, ଜିତେନ୍ଦ୍ର ଉପାଧ୍ୟାୟ, ସରସ୍ୱତୀ ପଣ୍ଡା, ମନୋଜ ନାୟକ, ରଜତ ପରିଡ଼ା ଅଶୋକ ଦାଶ, ମୁକୁନ୍ଦ ଦାସ, ପ୍ରଭାତ ସାହୁ, ଆଦିତ୍ୟ ମହାନ୍ତି, ଅକ୍ଷୟ ତ୍ରିପାଠୀ, ରୁବି ପରିଡ଼ା, ସୁବ୍ରତ ଦାଶ, ଗୌରାଙ୍ଗ ପାଣିଗ୍ରାହୀ, ଗୁଣାକର ଦେ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଓଡ଼ିଶାର ସଂସ୍କୃତି ଓ ପରମ୍ପରା ରକ୍ଷା କରିବାରେ ସ୍ଥାନୀୟ ବାସିନ୍ଦାମାନଙ୍କ ଭାଇଚାରାକୁ ସାଧାରଣରେ ପ୍ରଶଂସା କରାଯାଉଛି ।





# ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ

ନୀଳଗିରି(ନିପ୍ର): ନୀଳଗିରି ନୀୟନ୍ତ୍ରିତ ବଜାର କମିଟି ଦ୍ୱାରା ପ୍ରକଳ୍ପ ଗୁଡିକର ଶୁଭ ଉଦଘାଟନ ଓ ଭିତି ପ୍ରସ୍ତର ସ୍ଥାପନ ରବିବାର ଦିବା ୧୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଅଯୋଧ୍ୟା ଠାରେ ଜାତୀୟ କୃଷି ବଜାର ଇ-ନାମକ କାର୍ଯ୍ୟାଳୟକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ଙ୍କ କର କମଳରେ ଶୁଭ ଉଦଘାଟନ କରାଯାଇଛି । ଏହି ଶୁଭ ଉଦଘାଟନୀ ଉତ୍ସବରେ ଓଡିଶା କୃଷି ପରିଷଦ ଭୁବନେଶ୍ୱର ଡି.ଜି.ଏମ ଦମୟନ୍ତି ସିଂ, ବାଲେଶ୍ୱର ଉପ ନିବନ୍ଧକ ବାଲେଶ୍ୱର ସମବାୟ ସମିତି ସମୂହ ଅଧିକାରି ଶ୍ରୀମତି ସରୋଜୀନି ନାୟକ, ଜିଲ୍ଲା ପରିଷଦ ସଦସ୍ୟା ରଞ୍ଜିତା ସିଂ, ନୀଳଗିରି ନୀୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ତଥା ସ୍ଥାନୀୟ ଉପ-ଜିଲ୍ଲାପାଳ, ସରପଂଚ ତାରିଣୀ ସିଂ, ସମିତି ସଭ୍ୟା ସୁକଦେବ ସିଂ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ସାଧାରଣ ଜନତା ଉପସ୍ଥିତ ଥିଲେ । ସାଧାରଣ ସଭାରେ ନୀୟନ୍ତ୍ରିତ ବଜାର କମିଟିର ଅଧ୍ୟକ୍ଷା ଅଧ୍ୟକ୍ଷତା କରିଥିବା ବେଳେ ନୀୟନ୍ତ୍ରିତ ବଜାର କମିଟିର ସଂପାଦକ ସୁକାନ୍ତ ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ କରିଥିଲେ । ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ସାରା ଦେଶରେ ୧୮ ଗୋଟି ରାଜ୍ୟରେ ୩୬୦୦ ବ୍ୟବସାୟିକ କ୍ଷେତ୍ରରେ ଇ-ନାମକ ମାଧ୍ୟମରେ ସାମିଲ ହୋଇଥିବା କୃଷିଜାତ ଦ୍ରବ୍ୟରେ ଉଚିତ୍ ମୂଲ୍ୟ ପାଇଁ ଲାଭବାନ ହେବା ସମ୍ପର୍କରେ ଅବଗତ କରାଇଥିଲେ । ପରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭିଜନ ୨୦୪୭ କେନ୍ଦ୍ର ସରକାରଙ୍କ ଆହ୍ୱାନ ସବ୍ କା ବିକାଶ ଦେଶ କା ବିକାଶ ଇ-ନାମର ଆଭିମୁଖ୍ୟକୁ ଉଦାହରଣ ସ୍ୱରୂପ ବିଭିନ୍ନ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ ।

# ଶିଳ୍ପାଂଚଳ ପ୍ରଦୂଷଣ ବିରୋଧ ସଂଗଠନର ସାମ୍ବାଦିକ ସମ୍ମିଳନୀ

କଳିଙ୍ଗନଗର(ନିପ୍ର): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗତ ଅକ୍ଟୋବର ମାସ ୨୪ ରିଖରେ ଦିଆଯାଇଥିବା ବିଜ୍ଞାପନ ଅନୁଯାୟୀ ଓଡ଼ିଶା ରାଜ୍ୟର ଯାଜପୁର ଜିଲ୍ଲା ସ୍ଥିତ କଳିଙ୍ଗନଗର ଶିଳ୍ପାଂଚଳରେ ଥିବା ମେସର୍ସ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ସମ୍ପ୍ରସାରଣ କରି ଉତ୍ପାଦନ କ୍ଷମତା ୦.୯୮୧ ଏମ୍ ଟି ପି ଏ ରୁ ୯.୫ ଏମ୍ ଟି ପି ଏ (MTPA) ବୃଦ୍ଧିକରିବା ନିମନ୍ତେ ନଭେମ୍ବର ୨୯ ରିଖରେ ହେବାକୁ ଥିବା ପରିବେଶ ପ୍ରଭାବ ଜନଶୁଣାଣି ବାତିଲ କରିବାକୁ ନେଇ କଳିଙ୍ଗନଗର ଶିଳ୍ପାଂଚଳ ପ୍ରଦୂଷଣ ବିରୋଧ ସଂଗଠନର ସାମ୍ବାଦିକ ସମ୍ମିଳନୀ ଡ଼ାକି ନିଳାଚଳ ତଥା ଟାଟା ଷ୍ଟିଲ ବିରୋଧ କରି ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଛନ୍ତି । ମେସର୍ସ ନିଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଚତୁଃପାର୍ଶ୍ୱରେ ବାସ କରୁଥିବା ଡୁବୁରୀ, ବାରଗାଡିଆ, ସାରଙ୍ଗପୁର, ଓଲ୍ଲଳ, ରଣାଗୁଣ୍ଡି, ନଡ଼ିଆଭଙ୍ଗା ଗ୍ରାମପଂଚାୟତର ଗ୍ରାମବାସୀମାନେ ଯାଜପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ନିଳାଚଳର ଜନଶୁଣାଣୀକୁ ଜିଲ୍ଲାପାଳ ସ୍ଥଗିତ ରଖିବାକୁ ନୋଟିସ ଜାରି କରିଛନ୍ତି । ମାତ୍ର ଯାଜପୁର ଜିଲ୍ଲାରେ ୧୯୮୪ ମସିହାରେ ତତକାଳୀନ ପ୍ରଧାନ ମନ୍ତ୍ରୀ ଡୁବୁରୀ ଠାରେ ୨ୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିଥିଲେ । ଯାହା ଫଳରେ ୧୯୯୦ ମସିହାରେ ସରକାର ଦ୍ୱିତୀୟ ଇସ୍ପାତ କାରଖାନା ପାଇଁ ସୁକିନ୍ଦା ଓ ଦାନଗଦୀ ତହସିଲ ଅଂଚଳରେ ପ୍ରାୟ ୧୪୦୦୦ ଏକର ଜମି ସରକାରଙ୍କ ନିଜସ୍ୱ ସଂସ୍ଥା ଇଡକୋ ମାଧ୍ୟମରେ ଅଧିଗ୍ରହଣ ଜମି ଅଧିଗ୍ରହଣ କରିଥିଲେ । ସେହି ଜମି ମଧ୍ୟ ରୁ ୧୯୯୨ ମସିହାରେ ୨୫୦୦ ଏକର ଜମି ରେ ରାଜ୍ୟ ଓ କେନ୍ଦ୍ର ସରକାର ଙ୍କ ମିଳିତ ଉଦ୍ୟମରେ ନିଳାଚଳ



ଇସ୍ପାତନିଗମ ପାଇଁ ଉପୋରୋକ୍ତ ଗ୍ରାମ ପଂଚାୟତ ଅଧିବାସୀ, କ୍ଷତିଗ୍ରସ୍ଥ, ବିସ୍ଥାପିତ ହୋଇ ୦.୯୮୧ କ୍ଷମତା ବିଶିଷ୍ଟ ନିଳାଚଳ ଇସ୍ପାତ ନିଗମ ପ୍ରତିଷ୍ଠା କରାଯାଇଥିଲା । କାରଖାନା ନିର୍ମାଣ ସମୟରେ ଚତୁପାର୍ଶ୍ୱରେ ଥିବା ଗ୍ରାମବାସୀଙ୍କୁ ପ୍ରତିଶୃତି ଦିଆଯାଇଥିଲା କି ଏହି କାରଖାନା ଏକ ଗ୍ରୀନ୍ ପ୍ରୋଜେକ୍ଟ । ଏଣୁ ଏହା ପରିବେଶ ଉପରେ କୌଣସି ପ୍ରଭାବ ପକାଇବ ନାହିଁ । ଏଥିସହିତ କାରଖାନାର ଚତୁଃପାର୍ଶ୍ୱରେ ଏକ ଗ୍ରୀନ୍ କରିଡ଼ୋର ତିଆରି ହେବ । କାରଖାନା ମଧ୍ୟରେ ଯେତିକି ଗଛ ନଷ୍ଟ ହେବ ତାହାର ୪ ଗୁଣ ବୃକ୍ଷ ପ୍ରଭାବିତ ଗ୍ରାମ ଗୁଡିକରେ ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି ହେବ । କାରଖାନା ଦ୍ୱାରା ପାଶ୍ୱବର୍ତୀ ଗ୍ରାମ ଗୁଡିକର ଜମି, ଜଙ୍ଗଲ, ପାନୀୟଜଳ ଉତ୍ସ ପ୍ରଭାବିତ ହେବ ନାହିଁ । ଶବ୍ଦ ପ୍ରଦୂଷଣ ହେବନାହିଁ । ପ୍ରଭାବିତ ଅଂଚଳର ବାସିନ୍ଦାଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ମାତ୍ର ଆଜି ପର୍ଯ୍ୟନ୍ତ ଉପରୋକ୍ତ ପ୍ରତିଶୃତିରୁ ଗୋଟିଏ ମଧ୍ୟ ନିଳାଚଳ ଇସ୍ପାତ ନିଗମ ପାଳନ କରିନାହାନ୍ତି । ୦.୯୮୧ କ୍ଷମତା ବିଶିଷ୍ଟ କାରଖାନାରୁ ବାହାରୁଥିବା ବିଶାକ୍ତ ଧୂଆଁ, ଧୂଳିକଣା, ଅଙ୍ଗାରକାମ୍ଳ ଓ ନାଇଟ୍ରୋଜେନ୍ ଗ୍ୟାସ୍ ଓ କାରଖାନାରୁ ବାହାରୁଥିବା ବର୍ଯ୍ୟଜଳ ବିଶୋଧନ ନକରି କଳିଙ୍ଗନଗର ର ଲାଇଫ ଲାଇନ୍ କୁହାଯାଉଥିବା ଗଣ୍ଡାନାଳକୁ ସିଧା ଛଡାଯିବା ଯୋଗୁ ବହୁ ଲୋକ ମାରାତ୍ମକ ବ୍ୟାଧିସହ ଚର୍ମ ରୋଗ ଦ୍ୱାରା ପିଡ଼ିତ ହେଉଥିବା ବେଳେ ହଜାର ହଜାର ଏକର ଚାଷଜମି ଉପରେ ବିଶାକ୍ତ ଧୂଳିକଣା ପଡ଼ିବା ଫଳରେ ଫସଲ ନଷ୍ଟ ହେଉଅଛି । ରୋଷେଇ ହେଉଥିବା ଖାଦ୍ୟ, ଘର ଓ ପନିପରିବା ଉପରେ କଳା ଧୂଳିକଣା ପଡ଼ିବା ଦ୍ୱାରା ବହୁ ଲୋକ ଅକାଳରେ ଜୀବନ ହରାଉଅଛୁ । କଳିଙ୍ଗନଗର ଅଂଚଳରେ ବହୁଲୋକ କିଡିନ୍, ଜକ୍ଷ୍ମା, ଶ୍ୱାସ, କ୍ୟାନସର ଭଳି ମାରାତ୍ମକ ରୋଗରେ ପିଡ଼ିତ ହୋଇ ମୃତ୍ୟୁ ବରଣ କରୁଛନ୍ତି । କାରଖାନା ନିର୍ମାଣ ସମୟରେ କହିଥିବା ଅନୁଯାୟୀ ଏକାଧିକ ପରିବାରକୁ କାହାରିକୁ ମଧ୍ୟ କାରଖାନା ମଧ୍ୟରେ ନିଯୁକ୍ତି ମିଳିଲା ନାହିଁ ।

# ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ନୂତନ କୋଠାଘର ଉଦ୍‌ଘାଟିତ

ରାଇରଙ୍ଗପୁର(ନିପ୍ର): ରାଇରଙ୍ଗପୁର ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ନବନିର୍ମିତ କୋଠାଘର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦଘାଟିତ ହୋଇଛି । ରାଇରଙ୍ଗପୁର ବ୍ଲକର ସୁଣ୍ଡେଇ ଗ୍ରାମରେ ୧୦ ଏକର ପରିମିତ ଜମିରେ ନବନିର୍ମିତ ଏକଲବ୍ୟ ସ୍କୁଲ କୋଠାଘର ନିର୍ମିତ ହୋଇଛି । ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ଏଭଳି ଏକ ବିଦ୍ୟାଳୟରେ ଅଧ୍ୟୟନ କରିବାର ସ୍ୱପ୍ନ ପ୍ରଧାନମନ୍ତ୍ରୀଙ୍କ ଏହି ଅଭିନବ ପ୍ରୟାସ ଦ୍ୱାରା ସାକାର ହୋଇଛି ବୋଲି କହିଥିଲେ । ଆଦିବାସୀ ବହୁଳ ଜିଲାର ଜଣେ ସାଧାରଣ ଘରର ପିଲା ଏଭଳି ଏକ ଅସାଧାରଣ ପରିବେଶରେ ପଢ଼ିନିଜ ଦକ୍ଷତା ବିକାଶ କରିପାରିବ ବୋଲି କହିଥିଲେ । ଉପସ୍ଥିତ ରାଇରଙ୍ଗପୁର ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ପିଲାମାନଙ୍କୁ ଏହାର ଭରପୁର ସୁଯୋଗ ନେବାକୁ ଆହ୍ୱାନ କରିଥିଲେ । ସଭାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି




ଭାବେ ନବୀନ ରାମ, ଆଧୁନିକ ଭାରତରେ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ପ୍ରତିଷ୍ଠା ଏକ ବୈପ୍ଳବିକ ଚିନ୍ତାଧାରା ବୋଲି କହିଥିଲେ । ସାଂସଦଙ୍କ ପ୍ରତିନିଧି ମନୋଜ ଦାସ, କେନ୍ଦ୍ର ସରକାରଙ୍କ ଏଭଳି ପ୍ରଗତିଶୀଳ ପଦକ୍ଷେପକୁ ପ୍ରଶଂସା କରିଥିଲେ । ସଭାରେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଆଇନଜୀବି ଉପେନ୍ଦ୍ର ମଣ୍ଡଳ, ସ୍ଥାନୀୟ ସରପଂଚ ସୁକାନ୍ତି ହେମ୍ବ୍ରମ, ରାଇରଙ୍ଗପୁର ବିଡ଼ିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା, ଏଡିଡବ୍ଲୁଓ ଜ୍ଞାନେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ରାଇରଙ୍ଗପୁର ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ପ୍ରିନ୍ସିପାଲ ମାନସିଂ ବେରୱା ମଂଚ ପରିଚାଳନା ଏବଂ ବହଳଦା ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲର ଅଧ୍ୟକ୍ଷ ବଳରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

କେନ୍ଦୁଝର(ନିପ୍ର): କେନ୍ଦୁଝର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଦରବାର ହଲଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସମାରୋହରେ ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୁଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ ନିଜ ଅଭିଭାଷଣରେ ଗଣମାଧ୍ୟମ ସମାଜର ଦର୍ପଣ ତେଣୁ ସତ୍ୟନିଷ୍ଠା ଓ ନିରପେକ୍ଷ ଭାବେ ନିଜ ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହେବା ପାଇଁ ନିବେଦନ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ନୂତନ ଡିଜିଟାଲ୍/ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବାକୁ ଗୁରୁତ୍ୱ ଦେବା ସହ ସଠିକ ଓ ସତ୍ୟ ଖବର ପରିବେଷଣକୁ ଗୁରୁତ୍ୱ ଦେବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ହରପ୍ରିୟା ନାୟକ, ଡ଼େପୁଟି କଲେକ୍ଟର ସୁଶ୍ରୀ ରୁପାଲି ହାଂସଦା, କେନ୍ଦୁଝର ପ୍ରେସ କ୍ଲବ ଉପସଭାପତି ଶ୍ରୀ ଜୟକୃଷ୍ଣ ପଣ୍ଡା, ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପ୍ରତିନିଧିଙ୍କ ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରିଥିଲେ । ସାମ୍ବାଦିକ ସର୍ବଶ୍ରୀ ଶରତ କୁମାର ଜେନା, ସତ୍ୟଜିତ ମିଶ୍ର ଓ ସୁଦାମ ପତି ଏହି ଅବସରରେ ନିଜର ସୁଚିନ୍ତିତ ମତାମତ ପୋଷଣ କରି ଏହି ଦିବସ ପାଳନକୁ ଆହୁରି ଜୀବନ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସାର୍ଥକ ରାୟ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରି ପରିବର୍ତନଶୀଳ ଗଣାମଧ୍ୟମର ସ୍ୱରୂପ ବିଷୟରେ ଆଲୋଚନା କରିଥିଲେ । ମୁଦ୍ରିତରୁ ବୈଦ୍ୟୁତିକ ଓ ଏବେ ଡ଼ିଜିଟାଲ ଗଣମାଧ୍ୟମର ଯୁଗ ଚାଲିଛି ।

# ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ ଘଟଣା, ୨ଗିରଫ



ଖଇରା(ନିପ୍ର): ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ନନ୍ଦପୁର ଛକ ନିକଟରେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ ଘଟଣାରେ ଖଇରା ଥାନା ଅଧିକାରିଣୀ ମୌସୁମୀ ମହାନ୍ତି ରବିବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ସୋର ଥାନା ପାଖର ଗ୍ରାମର ସଫିରୁଦ୍ଦିନ ସାହା ଓ ବେଲପୁର ଗ୍ରାମର ଶୈଖ ଆରିଫ । ଏଥିସହ ସେମାନଙ୍କ ନିକଟରୁ ୧୪ହଜାର ଟଙ୍କା ଓ ଏକ ୟାମାହା ମୋଟରସାଇକେଲ ଜବତ କରାଯାଇଛି । ଅନ୍ୟ ଜଣେ ଫେରାର ଅଛି । ଗତ ୭ତାରିଖ ଦିନ ୩ଜଣ ଲୁଟେରା ଏକ ବାଇକରେ ଆସି ଫାଇନାନ୍ସ କର୍ମଚାରୀ ବିଶ୍ୱନାଥ ନାୟକଙ୍କୁ ଭୁଜାଲି ଓ ବନ୍ଧୁକ ଦେଖାଇ ୬୫ହଜାର ଟଙ୍କା ଲୁଟି ନେଇଥିଲେ ।

# ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ

ନୟାଗଡ଼(ନିପ୍ର): ଦୈନିକ ଖବରକାଗଜ 'ସକାଳ' ୪ର୍ଥ ସ୍ୱନ୍ନକ୍ଷତ୍ର ଦିବସ ଉପଲକ୍ଷେ ନୟାଗଡ଼ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ଅନେକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କନିଷ୍ଠ ବର୍ଗରେ ବିଚାରକ ଭାବେ ଅବସରପ୍ରାପ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷ ମହମ୍ମଦ ଓମାର ମଲ୍ଲିକ, ସାମ୍ବାଦିକ ରାମକୃଷ୍ଣ ରଥ, ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ



ଶୁଭ୍ରାଂଶୁ ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ । ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରିୟରଞ୍ଜନ ସାହୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଭାପୁର ବ୍ଲକ କଇଁଫୁଲିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ର ପ୍ରଦ୍ୟୁମ୍ନ କୁମାର ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଓଡ଼ଗାଁ ଛାତ୍ରୀ ଶର୍ମିଷ୍ଠା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଥିଲେ । ବରିଷ୍ଠ ବର୍ଗରେ କବି ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ବରିଷ୍ଠ ସାମ୍ବାଦିକ ବୈଦ୍ୟ ଭୂଷଣ ମହାପାତ୍ର, ଯୁବ ସାମ୍ବାଦିକ ଜୟେନ୍ଦ୍ର ବେହେରା ପ୍ରମୁଖ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ବରିଷ୍ଠ ବର୍ଗରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଛାତ୍ର ଶୁଭାଶିଷ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ରାଜସୁନାଖଳା ଡିଆଇଇଟି ଛାତ୍ର ସାଗର ବେହେରା ଦ୍ୱିତୀୟ, ପଠାଣି ସାମନ୍ତ ମହାବିଦ୍ୟାଳୟ ଛାତ୍ରୀ ସ୍ୱର୍ଣ୍ଣପ୍ରଭା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଦୈନିକ 'ସକାଳ' ନୟାଗଡ଼ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିତର୍କ ପ୍ରତିଯୋଗିତା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଅଭିନେତା ମନୋଜ ମିଶ୍ରଙ୍କ ବିରୋଧରେ ବାଲେଶ୍ୱର ଟାଉନ ଥାନାରେ ଏତଲା

ବାଲେଶ୍ୱର: ଅଭିନେତାରୁ ରାତାରାତି ନେତା ହୋଇଯାଇ ଥିବା ମନୋଜ ମିଶ୍ର ଫକୀର ମୋହନଙ୍କ ସାହିତ୍ୟ ସର୍ଜନା ଉପରେ ବିବାଦୀୟ ମନ୍ତବ୍ୟ ପ୍ରଦାନ କରି ଚର୍ଚ୍ଚା ରେ ରହିଥିଲା ବେଳେ ଆଜି ଅପରାହ୍ଣ ରେ ବାଲେଶ୍ୱରର ସାହିତ୍ୟ ଅନୁଷ୍ଠାନ 'ସୃଜନାକ୍ଷର' ପକ୍ଷରୁ ସର୍ବଶ୍ରୀ ସାହିତ୍ୟ ଗବେଷକ ଡ. ରାଧାରଂଜନ ପଟ୍ଟନାୟକ, କବି ଡ. ବଂଶୀଧର ଚୌଧୁରୀ, ପ୍ରଜ୍ଞାଶ୍ରୀ ତଥା ସମାଜସେବୀ ପ୍ରସନ୍ନ ପାତ୍ରଙ୍କ ସମେତ ବହୁ ବହୁ ବିଶିଷ୍ଟ ବ୍ୟକ୍ତି ମାନେ ମିଳିତ ଭାବେ ବାଲେଶ୍ୱର ଟାଉନ ଥାନାରେ ମନୋଜ ମିଶ୍ରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଗିରଫ କରିବା ପାଇଁ ଏତଲା ଦେଇଛନ୍ତି । ପ୍ରକାଶ ଯେ, ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର ଫକୀର ମୋହନଙ୍କ କାଳଜୟୀ ସାହିତ୍ୟ ସର୍ଜନା ପ୍ରତି ବ୍ୟଙ୍ଗାତ୍ମକ ତାଛଲ୍ୟ କରିଛନ୍ତି । ଫକୀର ମୋହନଙ୍କ 'ରେବତୀ' ଗଳ୍ପକୁ ଭଲ ଭାବେ ଅନୁଶୀଳନ ନ କରି ଫକୀର ମୋହନ କୁଆଡେ ଜେଜିମା କଣ୍ଠରେ 'ଲୋ ଗାତ' ବୋଲି କହିଛନ୍ତି । ଏଇ ଶବ୍ଦ ଟି ମିଶ୍ର ମହାଶୟ କେଉଁଠୁ ଆଣିଲେ, ତାହା ସଭିଁଙ୍କୁ ଚକିତ କରିଛି । ଉନବିଂଶ ଶତାବ୍ଦୀ ର ଶେଷ ଏବଂ ବିଂଶ ଶତାବ୍ଦୀ ର ଆରମ୍ଭ ରେ ତତ୍କାଳୀନ ମଣିଷ ତୁଣ୍ଡର ଏବଂ ଦାଣ୍ଡ ର ଭାଷାକୁ ଫକୀର ମୋହନ ତାଙ୍କ କଥା ସାହିତ୍ୟ ରେ ପ୍ରୟୋଗ କରି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଠିକ ସେହି ପରି ରଣ୍ଡୀ ପୁଅ ଅନନ୍ତା ଶବ୍ଦଟି ଉପରେ ମଧ୍ୟ ପ୍ରଶ୍ନ ଉଠାଇ ଛନ୍ତି । ରଣ୍ଡୀପୁଅ ଅନନ୍ତା ଶବ୍ଦଟିକୁ ବାତିଲ କରି ଅନ୍ୟ ଏକ ନାମ ଦିଆ ଯାଉ ବୋଲି ସର୍ବ ସାଧାରଣ ରେ ପ୍ରକାଶ କରିଛନ୍ତି । ମନୋଜ ବାବୁଙ୍କୁ କିଏ ଅଧିକାର ଦେଲା ଜଣେ ପ୍ରଥିତ ଯଶା ଲେଖକ ପ୍ରୟୋଗ କରିଥିବା ଶବ୍ଦ ଟି କୁ ବାତିଲ କରିବା ପାଇଁ ଆହ୍ୱାନ ଦେବା । ଏହା ଫକୀର ମୋହନଙ୍କ ପ୍ରତି ସମ୍ମାନ ! ଅପମାନ । କେବଳ ସେତିକି ରେ ସେ ଅଟକି ନାହାନ୍ତି, ଫକୀର ମୋହନ କୁଆଡ଼େ ସାହିତ୍ୟର ଚୌର୍ଯ୍ୟ ବୃତି ଅବଲମ୍ବନ କରିଛନ୍ତି ବୋଲି କହି ନିଜ ଅଜ୍ଞତାର ପରିଚୟ ଦେବା ସହ କାଳଜୟୀ କଥାକାରଙ୍କୁ ହାଲ୍କା ରେ ନେଇଛନ୍ତି । ମନୋଜ ବାବୁ ମନେ ରଖିବା ଉଚିତ ଯେଉଁ ସମୟରେ ଓଡ଼ିଆ ଭାଷାର ଅସ୍ତିତ୍ୱ ଉପରେ ପ୍ରଶ୍ନ ଚିହ୍ନ ଲାଗିଥିଲା, ଏକ ମୁମୂର୍ଷୁ ଓଡ଼ିଆ ଭାଷାକୁ ବଂଚାଇବାରେ ସେ ନିଜେ ଭାଷା ସାହିତ୍ୟର କୁରୁକ୍ଷେତ୍ର ରେ ସବ୍ୟସାଚୀ ସାଜିଥିଲେ । ସେ ବି ରିଂ ଲିଡର ର ଅପବାଦ ମୁଣ୍ଡେଇ ଥିଲେ । ଏ ସବୁ ସତ୍ୱେ ତାଙ୍କରି ପାଇଁ ହିଁ ଆମେ ଓଡ଼ିଆ ବୋଲି ଗର୍ବ ଅନୁଭବ କରୁଛୁ । ବ୍ରଜମୋହନ ରୁ ଫକୀର ମୋହନ, ଅଝାଲ ସିଲାଇରୁ ମେଟବୟ, ଶିକ୍ଷକ ଜୀବନରୁ ଦେୱାନ, ମେନେଜର ଆଦି ପଦ ପଦବୀ ରେ ରହି ଓଡ଼ିଆ ସାହିତ୍ୟରେ ସମୃଦ୍ଧି ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ । କେବଳ ସେତିକି ନୁହେଁ, କଲିକତା ରୁ ପ୍ରେସ ଆଣିବା, ପାଠ୍ୟ ପୁସ୍ତକ ରଚନା କରିବା ଆଦି ଅନେକ କାର୍ଯ୍ୟ କରି ଓଡ଼ିଆ ଭାଷା ସାହିତ୍ୟକୁ ଏକ ସମ୍ମାନ ଜନକ ଆସନ ଦେଇଥିଲେ । ଓଡ଼ିଆ ସାହିତ୍ୟରେ ଫକୀର ମୋହନଙ୍କ ପୂର୍ବରୁ ଯଦିଓ ହାତ ଗଣତିରେ ଖୁବ କମ ସଂଖ୍ୟକ ଗଳ୍ପ ରଚନା କରିବାର ପ୍ରୟାସ ହୋଇଥିଲା, ତଥାପି ଫକୀର ମୋହନ ସ୍ୱ ପ୍ରଥମେ ସାର୍ଥକ ଗଳ୍ପ ଲେଖି ସଭିଁଙ୍କୁ ଚମକାଇ ଦେଇଥିଲେ । ଗଳ୍ପ ସାହିତ୍ୟର ଅନୁକୂଳ ବାତାବରଣ ନଥିବା ସତ୍ୱେ ସେ ଲେଖିଚାଲିଲେ ଯୁଗଯୟୀ ଗଳ୍ପ ଓ ଉପନ୍ୟାସ । କବିତା ରଚନା କ୍ଷେତ୍ରରେ ମଧ୍ୟ ମଧ୍ୟ ବେଶ ପାରଦର୍ଶିତା ଲାଭ କରିଛନ୍ତି । ଏତାଦୃଶ ମହାନ ବ୍ୟକ୍ତିଙ୍କ ପ୍ରତି ମନୋଜ ମିଶ୍ରଙ୍କ ଯେଉଁ ଭଳି କଟୁ ମନ୍ତବ୍ୟ ଦେଇଛନ୍ତି, ସେଥିରେ ତମାମ ଓଡିଶା ବଦୀ ମର୍ମାହତ । ତେଣୁ ଏତାଦୃଶ ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସୃଜନାକ୍ଷର ସାହିତ୍ୟ ସର୍ଜନାର ମହାମଂଚ ତରଫରୁ ବାଲେଶ୍ୱର ଟାଉନ ଥାନାରେ ଏତଲା ଦିଆ ଯାଇଛି ।

B-593

WORKS DEPARTMENT
OFFICE OF THE CHIEF CONSTRUCTION ENGINEER,
EASTERN CIRCLE (R&B), BALASORE
e-mail: - seec_bls@rediffmail.com
Government of Odisha "e" Procurement Notice
Bid Identification No.CCEEC-06/ 2024-25
No: 3845 Dt: 07.11.2024

Nature of work:- Roads Works/ Box cell works / Building Work
Number of works 2 Nos Box cell works / 01 No Road Work/ 01 No Building Work
Amount put to Tender: - Rs. 114.28 Lakh to 284.47 Lakh
Class of Contractor: - "B" Class & "A" Class
Date & Time of availability of bid document in the portal: - Dt.20.11.2024 at 10:00 AM
Last Date / Time of receipt of bid in the portal: - Dt.05.12.2024 up to 05:00 PM
Date of opening of bid : - Dt.06.12.2024 at 11:00 AM
Name & address of the Office inviting bid: - Chief Construction Engineer, Eastern Circle (R&B), Balasore

The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd/-
Chief Construction Engineer
Eastern Circle (R&B) Balasore

OIPR. 34026/11/0004/2425



୧୮ ନଭେମ୍ବର
୨୦୨୪ ସୋମବାର

କ୍ଷୁଦ୍ରମନା ଲୋକଙ୍କ ଦ୍ୱାରା ବିରାଟ ସମସ୍ୟାର ସମାଧାନ କଦାପି ହୋଇ ପାରିବ ନାହିଁ । (ଜିମର୍ଣ୍ଣ)

ଆଜିକାଲି

# ବ୍ୟବହାର ହିଁ ପ୍ରକୃତପ୍ରମାଣପତ୍ର

◆ ଗିରିଧାରୀ ସାମଲ

ଋଷର ପ୍ରସିଦ୍ଧ ଲେଖକ ଲିଓ ଟଲ୍‌ଷ୍ଟୟଙ୍କୁ ଏକଦା ନିଜ କାମଧନ୍ଦାରେ ସହାୟତା ପାଇଁ ଜଣେ ଲୋକ ଆବଶ୍ୟକ ପଡ଼ିଲା । ଏ ସମ୍ପର୍କରେ ସେ ନିଜ ବନ୍ଧୁଙ୍କୁ କହିଲେ, 'ଯଦି ତୁମ ନଜରରେ ଭଲ ତଥା ପରିଶ୍ରମୀ ପିଲା ଥାନ୍ତି, ତେବେ ଜଣାଇବ ।' କିଛିଦିନ ପରେ ଟଲ୍‌ଷ୍ଟୟଙ୍କ ବନ୍ଧୁ ଜଣେ ବ୍ୟକ୍ତିଙ୍କୁ ପଠାଇଲେ । ସେ ଶିକ୍ଷିତ ସାଙ୍ଗକୁ ଅନେକ ପ୍ରକାର ସାର୍ଟିଫିକେଟ ଓ ଡିଗ୍ରୀଧାରୀ ଥିଲେ । ବ୍ୟକ୍ତି ଜଣଙ୍କ ଟଲ୍‌ଷ୍ଟୟଙ୍କ ଘରକୁ ଯାଇ ସାକ୍ଷାତ କଲେ । କିନ୍ତୁ ଅନେକ ଡିଗ୍ରୀର ଅଧିକାରୀ ହୋଇ ମଧ୍ୟ ଟଲ୍‌ଷ୍ଟୟଙ୍କ ମନକୁ କିଣିପାରିଲେ ନାହିଁ । ତେଣୁ ସେ ବ୍ୟକ୍ତି ଜଣଙ୍କୁ ଚାକିରି ଦେବେନାହିଁ ବୋଲି କହି ବିଦାୟ ଦେଲେ । ଏହାପରେ ବିନା ଡିଗ୍ରୀଧାରୀ ଜଣେ ଯୁବକଙ୍କୁ ଚାକିରିରେ ରଖିଦେଲେ । ଏକଥା ଯେତେବେଳେ ତାଙ୍କ ବନ୍ଧୁଙ୍କୁ ଜଣାପଡ଼ିଲା ସେ ତୁରନ୍ତ ଟଲ୍‌ଷ୍ଟୟଙ୍କ ପାଖକୁ ଆସି ଘଟଣା ସମ୍ପର୍କରେ ପଚାରି ବୁଝିଲେ । ଟଲ୍‌ଷ୍ଟୟ କହିଲେ, ମିତ୍ର ! ଯେଉଁ ବ୍ୟକ୍ତିକୁ ମୁଁ ବାଛିଛି ତାଙ୍କ ପାଖରେ କୌଣସି ଡିଗ୍ରୀ କିମ୍ବା ସାର୍ଟିଫିକେଟ ନାହିଁ ସତ; କିନ୍ତୁ ସେ ମୋ ଘରକୁ ପ୍ରବେଶ ପୂର୍ବରୁ ପ୍ରଥମେ ଅନୁମତି ମାଗିଥିଲେ । କବାଟ ପାଖରେ ଥିବା ପରିଷ୍କାର କପଡ଼ାରେ ଜୋତା ପୋଛି ରୁମ୍ ଭିତରକୁ ପ୍ରବେଶ କଲେ । ତାଙ୍କ ପୋଷାକ ସାଧାରଣ ଥିଲା ସତ; ମାତ୍ର ପରିଷ୍କାର ପରିଚ୍ଛନ୍ନ ଥିଲା । ମୁଁ ତାଙ୍କୁ ଯେଉଁ ପ୍ରଶ୍ନ କଲି ସେ ବିନା ଦ୍ୱିଧାରେ ତା'ର ଉତର ଦେଲେ । ଯେଉଁ ପ୍ରଶ୍ନର ଉତର ଜାଣିନାହାନ୍ତି, ସିଧାସଳଖ ତାକୁ ମାନିଗଲେ । ପ୍ରତ୍ୟେକ ପ୍ରଶ୍ନର ଉତର ସଂକ୍ଷିପ୍ତ ଭାବେ ପ୍ରଦାନ କଲେ । ସାକ୍ଷାତକାର ସମାପ୍ତ ହେବାପରେ ସେ ମୋଠାରୁ ଅନୁମତି ନେଇ ବାହାରକୁ ଗଲେ । ସାକ୍ଷାତକାର ପୂର୍ବରୁ, ମଝିରେ କି ପରେ ସେ କାହା ସୁପାରିସ୍‌ରେ ଆସିଛନ୍ତି ବୋଲି କହିଲେ ନାହିଁ । ପାଠୁଆ ନହୋଇଥିଲେ ମଧ୍ୟ ତାଙ୍କ ଭିତରେ ନିଜ ବ୍ୟବହାର, କର୍ମ ଓ ସକ୍ଷମତା ଉପରେ ଭରସା ଥିଲା । ତା'ରି ବଳରେ ସେ ଏଠାକୁ ଆସିଥିଲେ । କିନ୍ତୁ ତୁମେ ପଠାଇଥିବା ବ୍ୟକ୍ତି ଜଣଙ୍କ ବିନା ଅନୁମତିରେ ରୁମ୍‌କୁ ପ୍ରବେଶ କରିବା ସହ ସିଧାସଳଖ ଚେୟାରରେ ବସିପଡ଼ିଲେ । ବସିବା ପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ତୁମ ପ୍ରେରିତ ବ୍ୟକ୍ତି ବୋଲି କହିଲେ । ତେଣୁ ମୁଁ ଦ୍ୱିତୀୟ ବ୍ୟକ୍ତିଙ୍କୁ ବାଛିବାକୁ ସଠିକ୍ ମନେକଲି । ଟଲ୍‌ଷ୍ଟୟଙ୍କ କଥା ଶୁଣି ମିତ୍ର କହିଲେ, ''ସତରେ ମଣିଷକୁ ଚିହ୍ନିବାକୁ ହେଲେ ତା'ର ସାର୍ଟିଫିକେଟ କି ପ୍ରମାଣପତ୍ର ନୁହେଁ, ବ୍ୟବହାର ଓ କର୍ତବ୍ୟ ନିଷ୍ଠା ଓ ଆଚରଣକୁ ତଉଲିବା ଦରକାର । ଏହା ହିଁ ମଣିଷର ପ୍ରକୃତ ପ୍ରମାଣପତ୍ର ।'' ବାସ୍ତବକଥା ହେଉଛି ଆମ୍ଭ ମାନଙ୍କ ଦୈନନ୍ଦିନ ଜୀବନରେ ଅନେକ ଘଟଣା ଆମେ ଦେଖିଥାଉ ଯେଉଁଠାରେ ବ୍ୟବହାର ହିଁ ପ୍ରକୃତ ଚରିତ୍ର ଓ ଜୀବନ ଆଦର୍ଶ ବୋଲି ପ୍ରମାଣିତ ହୋଇଥାଏ । ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ମଣିଷର ସର୍ବଶ୍ରେଷ୍ଠ ଚରିତ୍ର ଓ ଆଦର୍ଶ ହେଉଛି ତାର ବ୍ୟବହାର । ଏହା ଜୀବନ ଆଦର୍ଶ ପାଳଟିଲେ ଜଣେ ଶ୍ରେଷ୍ଠ ମଣିଷରେ ପରିଣତ ହୋଇପାରିବ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ : ୯୪୩୭୪୫୦୧୧୪*

# ଚାଣକ୍ୟ ଉବାଚ



✦ ଧର୍ମେ ତତ୍ପରତତା ମୁଖେ ମଧୁରତା ଦାନେ ସମୁତ୍ସାହତା
ଆହାରେ ଶୁଚିତା ଗୁରୌ ବିନୟତା ଚିତେଽତିଗମ୍ଭୀରତା ।
ଆହାରେ ଶୁଚିତା ଗୁଣେ ରସିକତା ଶାସ୍ତ୍ରେଷୁ ବିଜ୍ଞାତୃତା ।
ରୂପେ ସୁନ୍ଦରତା ଶିବେ ଭଜନତା ତ୍ୱୟ୍ୟସ୍ତିଭୋ ରାଘବ ।।

**ବୋଧାମୃତ : ଧର୍ମକର୍ମରେ ତତ୍ପରତା, ମୁଖରେ (ସ୍ମିତ) ମଧୁରତା, ଦାନକର୍ମରେ ଉତ୍ସାହ, ବନ୍ଧୁ ଆଗରେ ନିଷ୍କପଟତା, ଗୁରୁଙ୍କ ସମ୍ମୁଖରେ ନମ୍ରଭାବ, ଅନ୍ତଃକରଣରେ (ଶାନ୍ତ) ଗମ୍ଭୀରତା, ଆଚରଣରେ ପବିତ୍ରତା (ସସକଳ) ଗୁଣରେ ଆନନ୍ଦମୟତା, ଶାସ୍ତ୍ର ବିଦ୍ୟାରେ ଜ୍ଞାନିତ୍ୱ, ରୂପରେ ସୁନ୍ଦରତା ଏବଂ ଶିବଙ୍କ ଠାରେ ଭଜନ ପରାୟଣତା – ହେ ରାଘବ ଏ ସବୁ ତୁମଠାରେ ବିଦ୍ୟମାନ ।**

# ବିଶ୍ୱ ଜନଗୋଷ୍ଠୀ ଦିବସ

◆ ଡ଼ଃ. ଅରୁନ୍ଧତୀ ଦେବୀ

ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ । ଏହି ଦିବସର ତାତ୍ପର୍ଯ୍ୟ ଭିତରେ ମନେପଡୁଛି ଉପନିଷଦର ସେହି ପବିତ୍ର ବାଣୀ 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' । ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ଆମେ ସମସ୍ତେ ହେଉଛି ଗୋଟିଏ ମାତାର ସନ୍ତାନ । ପୃଥିବୀ ରୂପକ ଛାତତଳେ ଆମ୍ଭେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ । ସଂପ୍ରତି ସମଗ୍ର ବିଶ୍ୱରେ ଦେଖାଦେଇଥିବା ପ୍ରଗତି ଓ ଦୁର୍ଗତୀର ଦୁଇଟି ଚିତ୍ରକୁ ନିରିଖେଇ ଦେଖିଲେ ପ୍ରଗତି ତୁଳନାରେ ଦୁର୍ଗତୀର ଛାପ ଅଧିକ । ସୂଚନା ପ୍ରଯୁକ୍ତିର ସାହାରାରେ ମଣିଷ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପିଛି । ମୁହୂର୍ତକ ମାତ୍ରେ ଯାହା ଚାହୁଁଛି ସେହି ଅସାଧ୍ୟକୁ ସାଧନ କରିପାରୁଛି । କିନ୍ତୁ ପରିପାର୍ଶ୍ୱିକ ଓ ପରିବେଶଗତ ସନ୍ଧିକ୍ଷଣକୁ ନେଇ ମଣିଷ ସମାଜ ଆଜି ନିଶ୍ଚିତ ଭାବରେ ଚିନ୍ତିତ ଓ ଉଦ୍‌ବିଗ୍ନ । ସମଗ୍ର ବିଶ୍ୱରେ ବଡ଼ଭାଇ ପଣିଆ ଦେଖାଇବା ପାଇଁ ଆମେରିକା ଠାରୁ ଚୀନ ସମସ୍ତେ ବ୍ୟସ୍ତ ଥିବାବେଳେ ଶାନ୍ତି ଓ ଭାଇଚାରାର ଚିନ୍ତନକୁ ନେଇ ଭାରତ ସମଗ୍ର ବିଶ୍ୱ ସମୁଦାୟ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ଭାରତ ଆଜି ସାରା ପୃଥିବୀରେ ନିଜର ସ୍ୱତନ୍ତ୍ରତା ରଖି ପାରିଛି । ଆଜି ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଏହି ପବିତ୍ର ଦିନରେ ସମଗ୍ର ବିଶ୍ୱରେ ଜନଗୋଷ୍ଠୀ ଆନ୍ଦୋଳନର ସୂତ୍ରପାତକୁ ସ୍ମରଣ କରୁଛି । ଭୟାବହ ଯୁଦ୍ଧକ୍ଷେତ୍ରରୁ ଫେରିବା ପରେ କେବଳ ଆମେରିକା ନୁହେଁ, ଚୀନ, ଋଷ, ଜାପାନ, ଜର୍ମାନ, ଇଂଲଣ୍ଡ ପରି ସର୍ବବୃହତ୍ ପରାକ୍ରମୀ ରାଷ୍ଟ୍ରମାନେ ଅନୁଭବ କରିଥିଲେ ଯେ ବାସ୍ତବିକ ଏହା ମାନବିକତାର ପରିପନ୍ଥୀ । ବଡ଼ଭାଇ ପଣିଆ ଦେଖାଇବା ପାଇଁ କୋଟି କୋଟି ଟଙ୍କାର ରାଷ୍ଟ୍ରୀୟ ସଂପତି ଓ ମୂଲ୍ୟବାନ ସେନା ଯବାନଙ୍କ ସହିତ ସାଧାରଣ ଜୀବନର ନଷ୍ଟ କରିବାର ଅଧିକାର ବା କ୍ଷମତା ସେମାନଙ୍କର ନାହିଁ । ଯଥେଷ୍ଟ ବିଳମ୍ବ ହୋଇଥିଲେ ବି ସେମାନଙ୍କର ଅନୁଚିନ୍ତନ ପରବର୍ତୀ ସମୟରେ ସମଗ୍ର ବିଶ୍ୱରେ ଶାନ୍ତିରେ ସହାବସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଛି । ସମଗ୍ର ବିଶ୍ୱ ଆଜି ଦାରିଦ୍ର୍ୟ, ବେକାରୀ, ଅଶାନ୍ତି, ପ୍ରାକୃତିକ ବିପର୍ଯ୍ୟୟ ଓ ନାନା ପ୍ରକାର ଅଘଟଣକୁ ସାମ୍ନା କରୁଥିବାବେଳେ ଶାନ୍ତି ପାଇଁ କିଏ ଯେ ଚାହୁଁଛି ? ସମସ୍ତେ ଶାନ୍ତି ପାଇଁ ଚିତ୍କାର କରୁଥିଲେ ବି ଚିତ୍କାର କିନ୍ତୁ ସେମାନଙ୍କ ଭିତରେ ହିଁ ରହିଯାଉଛି । ତାଲିବାନ୍‌କୁ ଦମନ ପାଇଁ ଆଫଗାନିସ୍ଥାନରେ ଆମେରିକା ତାର ମିତ୍ର ଶକ୍ତିଙ୍କ ସାହାଯ୍ୟ ନେଇ ଯେଉଁ ଧ୍ୱଂସ ଲୀଳା ସୃଷ୍ଟି କରିଥିଲା ଏହାର ପରାଭବ ବହୁ ବିଳମ୍ବରେ ଖୋଦ ଆମେରିକାବାସୀ ଅନୁଭବ କରିଛନ୍ତି । ଦିନକୁ ଦିନ ଦ୍ରୁତ ଜନସଂଖ୍ୟା ବଢୁଥିବାବେଳେ ଏ ନେଇ ଯଥାଯଥ ଭିତିଭୂମି ସୃଷ୍ଟି ହୋଇପାରିନାହିଁ । ଜନସଂଖ୍ୟା ଦୃଷ୍ଟିକୋଣରୁ ବେକାରୀ ସଂଖ୍ୟା ବୃଦ୍ଧି ପାଉଛି । ବେକାରୀ ସଂଖ୍ୟାଙ୍କ ବୃଦ୍ଧି ଅନେକ ସମୟରେ ହିଂସା ଓ ଅରାଜକତା ସୃଷ୍ଟି କରୁଛି । ପରମାଣୁ ଶକ୍ତିର ବିରୋଧ କରି ଲୁଚାଛପାରେ ଅନେକ ରାଷ୍ଟ୍ରର ଏହାର ପରୀକ୍ଷା ନିରୀକ୍ଷା ଚଲାଇଛନ୍ତି । କେବଳ ବଡ଼ ବଡ଼ ରାଷ୍ଟ୍ର ନୁହେଁ ଛୋଟ ରାଷ୍ଟ୍ରମାନେ ଏହାକୁ ହାତେଇବା ପାଇଁ ବେଶ୍ ତତ୍ପରତା ପ୍ରକାଶ କରୁଛନ୍ତି । ଇଆଡ଼େ ଦୁର୍ଭିକ୍ଷ, ଅନାହାରରେ ରାଷ୍ଟ୍ର ସଢୁଥିବାବେଳେ ଦାଦାଗିରି ଦେଖାଇବା ପାଇଁ ପରମାଣୁ ଶକ୍ତି ପାଇଁ ଦେଶର ରାଜକୋଷକୁ ଖାଲି କରିଦେବା କେଉଁ ନ୍ୟାୟରେ ଯାଏ ? ଭାରତ ପାଇଁ ସବୁଠି ସବୁକ୍ଷେତ୍ରରେ ବିଷମ ପରିସ୍ଥିତି ସୃଷ୍ଟି ହେଉଛି । ମିତ୍ରରାଷ୍ଟ୍ର ଋଷ ଦୂରରେ ରହିଯାଇଥିବାବେଳେ ଦୁଇପଟେ ଚାଇନା ଓ ପାକିସ୍ଥାନ ଭାରତ ପାଇଁ ସମସ୍ୟା ସୃଷ୍ଟି କରୁଛନ୍ତି । ସୀମା ନାମରେ ଚାଇନା ଭାରତ ଉପରେ ଲୋଲୁପଦୃଷ୍ଟି ପକାଇଥିବାବେଳ ଶକ୍ତିହୀନ ପାକିସ୍ଥାନର ଶ୍ୱେନଦୃଷ୍ଟି ମଧ କିଛି କମ୍ ନୁହେଁ । ନିଜର ସାମାନ୍ୟ ସ୍ୱାର୍ଥ କମିଗଲେ ପଲଟି ପଡୁଥିବା ଶ୍ରୀଲଙ୍କା ଭାରତର ଦୀର୍ଘସ୍ଥାୟୀ ମିତ୍ରରାଷ୍ଟ୍ରର ମର୍ଯ୍ୟାଦା ପାଇପାରିନାହିଁ । ଯଦିଓ ବାଙ୍ଗାଲାଦେଶ ନେପାଳ ଭାରତକୁ ସମ୍ମାନ କରିବା ସହ ବଡ଼ଭାଇର ମର୍ଯ୍ୟାଦା ଦେଇଛନ୍ତି ତେବେ ସମଗ୍ର ବିଶ୍ୱର ଦାଦାଗିରିରେ ସେମାନଙ୍କର ଭୂମିକା ସବୁବେଳେ ନୀରବ । ଭାରତର ରାଜନୈତିକ ଓ କୂଟନୈତିକ ଦୃଷ୍ଟିକୋଣକୁ ଦେଖିଲେ ଭାରତ ସର୍ବଦା ଶାନ୍ତି ସହବସ୍ଥାନ ହିଁ ଚାହେଁ । ଅନେକ ସାଧୁସନ୍ଥ, ଧର୍ମଗୁରୁ ଓ ଭଗବାନ ଏହି ରାଷ୍ଟ୍ରରେ ବିରାଜିତ ହୋଇଥିବାରୁ ଭାରତର ଆଧ୍ୟାତ୍ମିକ ଶକ୍ତି ନିଶ୍ଚିତ ଭାବରେ ଅତୁଳନୀୟ । ସମଗ୍ର ବିଶ୍ୱସମୁଦାୟ ବି ଦେଖିଛି ପାକିସ୍ଥାନ ମୁମ୍ବାଇରେ ଭୟଙ୍କର ଧ୍ୱଂସଲୀଳା ଘଟାଇଥିଲେ ବି ଭାରତ କିନ୍ତୁ ଆଇନର ଗଣ୍ଡିରେ କସାବକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜୀବିତ ରଖିଛି । ସମଗ୍ର ବିଶ୍ୱ ସମୁଦାୟ ଭାରତର ଶାନ୍ତିର ସହାବସ୍ଥାନ ଓ ନିରପେକ୍ଷତା ଗୁଣ ପାଇଁ ସମ୍ମାନ କରନ୍ତି । ସମଗ୍ର ବିଶ୍ୱରେ ବିଭିନ୍ନ ରାଷ୍ଟ୍ର ନିର୍ଦ୍ଦିଷ୍ଟ ଗୋଷ୍ଠୀ ଭିତରେ ବାନ୍ଧି ହୋଇଥିବାବେଳେ ଭାରତ କିନ୍ତୁ ନିରପେକ୍ଷ ଭାବରେ ନିଜର ମତ ଉପସ୍ଥାପନ କରି ସର୍ବଦା ଶାନ୍ତିର ବାର୍ତାବହ ଭାବେ କାର୍ଯ୍ୟ କରିଛି । ସମଗ୍ର ବିଶ୍ୱର ଯେକୌଣସି ରାଷ୍ଟ୍ରରେ ପ୍ରାକୃତିକ ବିପର୍ଯ୍ୟୟ ଘଟିଛି ଭାରତର ଶାନ୍ତିସେନା ଆବଶ୍ୟକୀୟ ସାହାଯ୍ୟ ସହଯୋଗ ସହ ପହଂଚି ନିଜର ଦାୟିତ୍ୱ ନିର୍ବାହ କରିଛି । ବିଶ୍ୱ ଜନଗୋଷ୍ଠୀ ଦିବସ ଅବସରରେ ଜନଗୋଷ୍ଠୀ ଆନ୍ଦୋଳନର ପ୍ରାସଙ୍ଗିକତା ଓ ଦାୟିତ୍ୱବୋଧକୁ ଭାରତୀୟଙ୍କୁ ସଚେତନ କରିବାର ଦିବସଟି ହେଉଛି ଆଜି । ବ୍ୟକ୍ତିଗତ ସ୍ୱାର୍ଥକୁ ପଛରେ ପକାଇ ଜାତୀୟ ଓ ରାଷ୍ଟ୍ରୀୟ ସ୍ୱାର୍ଥ ତଥା ସମାଜର ଆଧ୍ୟାତ୍ମିକ ଓ ସାମାଜିକ ବିକାଶରେ ନିଜର ଦାୟିତ୍ୱ ନିର୍ବାହ ପାଇଁ ପ୍ରତିଟି ଭାରତୀୟ ଶପଥ ନେବାର ଦିବ୍ୟ ମୁହୂର୍ତ ହେଉଛି ଆଜିର ଦିବସ ।



*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ : ୯୯୩୭୧୭୨୮୧୦*

# ପ୍ରଦୂଷଣ ଓ ସ୍ୱାସ୍ଥ୍ୟ

◆ ବିଜୟ କୁମାର ପୃଷ୍ଟି



ସଂପୂର୍ଣ୍ଣ ଶରୀରର ଶାରୀରିକ ଓ ମାନସିକ ସୁସ୍ଥତା ଅର୍ଥାତ୍ ଏକ ରୋଗ ବିହୀନ ଶରୀରକୁ ହିଁ ଉପଯୁକ୍ତ ସ୍ୱାସ୍ଥ୍ୟ ବୋଲି କହିପାରିବା । ମନୁଷ୍ୟକୁ ଅମୃତସ୍ୟ ପୁତ୍ରାଃ କୁହାଯାଏ । ଏଭଳି ଏକ ପବିତ୍ର ଶରୀର ରୋଗାଗ୍ରସ୍ତ ହୋଇ ଅକାଳରେ ମୃତ୍ୟୁ ମୁଖରେ ପଡୁଛି କାହିଁକି ? ଶରୀର ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଭରପୁର କରିଦେଇଛି ପ୍ରକୃତି । ତାହେଲେ ରୋଗ କିପରି ଆକ୍ରମଣ କରୁଛି ? ସେଥିପାଇଁ ଦାୟୀ କିଏ ? ଏ ସବୁ ଆଲୋଚନା କଲେ ଜଣାପଡ଼େ ଆମ ରୋଗର କାରଣ ଆମେ ନିଜେ । ଅର୍ଥାତ ଆମ ଶରୀରର ଅଯତ୍ନ ହେତୁ ପ୍ରକୃତିଦତ ଖାଦ୍ୟ ଠାରୁ ଦୂରେଇ ଅଖାଦ୍ୟ ଗ୍ରହଣ ହେତୁ ବିଶେଷତଃ ଆମର ପ୍ରକୃତିଦତ ପରିବେଶ ପ୍ରଦୂଷଣ ହେତୁ ଆଜି ଆମକୁ ରୋଗ ଆକ୍ରମଣ କରୁଛି । ଆମ ପରିବେଶ ଏତେ ମାତ୍ରାରେ ବିଗିଡ଼ି ଯାଇଛି ଯେ ବର୍ତମାନ ମାନବ ଜାତିର ଅସ୍ତିତ୍ୱ ମଧ୍ୟ ସଂକଟମୟ । ପରିବେଶ ପ୍ରଦୂଷିତ ହୋଇ ସ୍ୱାସ୍ଥ୍ୟ ଉପରେ ଯେତିକି କୁପ୍ରଭାବ ପକାଉଛି ତାଠାରୁ ଅଧିକ ବନ୍ୟା, ମହାବାତ୍ୟା, ଦୁର୍ଭିକ୍ଷର ପ୍ରକୋପ ବଢ଼ି ଚାଲିଛି । ତେଣୁ ଏକ ସୁସ୍ଥ ପରିବେଶ ହିଁ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିପାରିବ । ଅର୍ଥାତ୍ ଏକ ନୀରୋଗ ଜୀବନ ପାଇଁ ଆମ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏକାନ୍ତ ଜରୁରୀ ।ଆମ ଚାରି ପାଖେ ଯାହା ବିଦ୍ୟମାନ ଏବଂ ଦୃଶ୍ୟମାନ ସବୁ ହେଉଛି ପରିବେଶ । ନିଜ ଘର ଭିତର ଠାରୁ ଆରମ୍ଭ କରି ସାରା ବ୍ରହ୍ମାଣ୍ଡ ହେଉଛି ଆମ ପରିବେଶ, ଯାହାକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆମର ପ୍ରଥମ କର୍ତବ୍ୟ । ପିଣ୍ଡ ବ୍ରହ୍ମାଣ୍ଡ ଏକମତ, କହନ୍ତି ସୁଜ୍ଞାନୀ ପଣ୍ଡିତ । ପିଣ୍ଡ ଅର୍ଥାତ୍ ଆମର ଶରୀରର ପରିଚ୍ଛନ୍ନତା ଯେତିକି ଦରକାର ବ୍ରହ୍ମାଣ୍ଡ ଅର୍ଥାତ ପରିବେଶର ପରିଚ୍ଛନ୍ନତା ସେତିକି ଦରକାର । ଆସନ୍ତୁ ଜାଣିବା ଆମ ପରିବେଶ ଆମେ କିପରି ପ୍ରଦୂଷିତ କରି ରୋଗକୁ ନିମନ୍ତ୍ରଣ କରୁଛୁ । ଆମେ ପ୍ରାୟ ଆମ ଘର ଭିତରେ ବହୁ ସମୟ କଟାଉଛୁ । ପାନପିକ, ଛେପ, ଖଙ୍କାର ଇତ୍ୟାଦି ରୋଷେଇ ଘର କିମ୍ବା କାନ୍ଥ ବାଡ଼ରେ ପକାଉଛେ କି ? ନାଁ, କିନ୍ତୁ ରାସ୍ତାଘାଟ, ସରକାରୀ କାର୍ଯ୍ୟାଳୟରେ ଏସବୁ ପକାଇ ମଇଳା କରିବା ଆମର ଦୈନନ୍ଦିନ ଅଭ୍ୟାସ । ଏହାଦ୍ୱାରା ରୋଗ ଜୀବାଣୁ ସିଧା ଆସି ଆମ ଶରୀରରେ ପ୍ରବେଶ କରେ । ସରକାରୀ କାର୍ଯ୍ୟାଳୟ, ପରିସ୍ରାଗାର ବା ପାଇଖାନା ଅବସ୍ଥା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବସଷ୍ଟାଣ୍ଡ, ରେଳ ଷ୍ଟେସନ ଇତ୍ୟାଦିର ଅବସ୍ଥା ନକହିଲେ ଭଲ । ପରିସ୍ରାଗାରକୁ ଯିବା ତ ଦୂରର କଥା, ସେହି ପାଖରେ ମଧ ଦୁର୍ଗନ୍ଧ ହେତୁ ଯାଇ ହୁଏନାହିଁ । ଏସବୁ ପ୍ରଦୂଷଣ କିଏ କରୁଛି ? ଆମେ ମାନେ ଖୋଦ ମଣିଷ ଜାତି, ମଣିଷ ଏତେ ଶିକ୍ଷିତ, ସଚେତନ ତଥାପି ଏଭଳି ଭୁଲ କରି ଚାଲିଛି । କାହିଁକି ପରିସ୍ରା ଯାଇ ପାଣି ପକାଇ ସଫା କରିବା କ'ଣ ପାପ ? ଝାଡ଼ା ଫେରି ଭଲ ଭାବରେ ଧୋଇବା କ'ଣ ମନା, ଏସବୁ ଆମର ମଣିଷ ପଣିଆର ଅଭାବ । ଖୋଦ ଆମ ଘର କଥା ଦେଖାଯାଉ । ପ୍ରତ୍ୟେକ ରୋଷେଇ ଘର ମଧ୍ୟରେ ପ୍ରାୟ ଅଳନ୍ଧୁ ଦେଖିବାକୁ ମିଳେ । ସେଇ ଅଳନ୍ଧୁରୁ ଧୂଳି ଧୂସର ଆମ ଖାଦ୍ୟରେ ପଡ଼ି ଖାଦ୍ୟକୁ ବିଷାକ୍ତ କରିଦିଏ । ଘର ଭିତରେ ବହୁତ ଯାଗା ଥାଏ ଯାହାକି ସଫା ନହୋଇ ସେଠାରେ ଛୋଟ ଛୋଟ ଜୀବ ଜନ୍ତୁ ରହି ଆମର ସ୍ୱାସ୍ଥ୍ୟର ହାନି ଘଟାନ୍ତି । ଘର ଭିତରେ ଥିବା ଫ୍ରିଜରେ ଆମର ଖାଦ୍ୟ ପଦାର୍ଥ ଖୋଲା ଭାବରେ ରଖୁ । ଅଥଚ ଭିତର ସଫା ନହୋଇ ଅସ୍ୱାସ୍ଥ୍ୟକର ହୋଇପଡ଼େ । ଆଗେ ଛାତ୍ରଛାତ୍ରୀମାନେ ପାଳି କରି ପ୍ରତିଦିନ ବିଦ୍ୟାଳୟର ଘର ଭିତର ସହ ବାହାର ରାସ୍ତା ଘାଟ ମଧ୍ୟ ସଫା କରୁଥିଲେ । ସୁନ୍ଦର ପରିବେଶରେ ପାଠ ପଢ଼ାରେ ଆନନ୍ଦ ଲାଗୁଥିଲା । ବର୍ତମାନ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ଏପରିକି ବିଶ୍ୱ ବିଦ୍ୟାଳୟ ଅବସ୍ଥା ନକହିଲେ ଭଲ । ସୁସ୍ଥ ବାତାବରଣ କେଉଁଠି ନାହିଁ, ସେଠାରେ ସୁସ୍ଥ ମନଟିଏ ମିଳିବ କିପରି ? କଥାରେ ଅଛି – ଗାଁ ପରିମଳ ଧୋବା ତୁଠରୁ ଜଣାପଡ଼େ । ଅର୍ଥାତ୍ ଗାଁର ପରିବେଶ ପ୍ରଥମରୁ ଗାଁ ପୋଖରୀରୁ ହିଁ ଜଣାପଡ଼େ । ସେଇ ପୋଖରୀ ପାଣିରେ ଗାଈଗୋରୁ ଗାଧାନ୍ତି, ଧୋବା ଲୁଗାକାଚେ, ଲୋକମାନେ ଝାଡ଼ା ଫେରି ଶୌଚ ହୁଅନ୍ତି ଏବଂ ସେଇ ପୋଖରୀରେ ଲୋକମାନେ ଗାଧୋଇ ଥାନ୍ତି ଏବଂ ପାଣି ନେଇ ଘରେ ବ୍ୟବହାର କରନ୍ତି । ବର୍ଷ ବର୍ଷ ଧରି କୂଅ ମଇଳା ହୋଇଥିଲେ ମଧ୍ୟ ସେ ପାଣି ମଧ୍ୟ ବ୍ୟବହାର କରନ୍ତି । ଗାଁ ଗଣ୍ଡାର ଘରବାଡ଼ିରେ ଭଙ୍ଗାରୁଜା ପଦାର୍ଥରେ ପାଣି ଜମି ବର୍ଷାଦିନେ ମଶା ମାନଙ୍କର ସୃଷ୍ଟି ହୁଏ ଫଳରେ ମ୍ୟାଲେରିଆ ରୋଗ ବଢ଼ିଚାଲେ । ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ନିର୍ଭର କରେ ଆମର ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ । ଆମେ ଖାଦ୍ୟ ପ୍ରତି କେତେ ସଚେତନ କେତେ ନିୟନ୍ତ୍ରଣ ତାହା ସ୍ପଷ୍ଟ ବାରି ହୋଇଯାଏ । ଆଜିକାଲିର ଆଧୁନିକ ରାସ୍ତାଘାଟରେ ଛତୁ ଫୁଟିଲା ପରି ଫାଷ୍ଟଫୁଡ୍, ଦହିବରା, ଗୁପଚୁପ ଏବଂ ବରାପିଆଜି ଦୋକାନ ପସରାରୁ ସେଗୁଡ଼ିକ ସଂପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଅଥଚ ଆମର ପ୍ରିୟ ଖାଦ୍ୟ । କୁହାଯାଏ ରୋଗ ପାଟିରୁ ଆରମ୍ଭ ହୋଇ ମଳତ୍ୟାଗରେ ଶେଷ ହୁଏ । ତେଣୁ ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହା ବ୍ୟତୀତ ପରିବେଶ, ବିଭିନ୍ନ ମାର୍ଗରେ ପ୍ରଦୂଷିତ ହେଉଛି । ଆଜିକାଲି ଗାଡ଼ି ମଟରର ବିକଟ ଶବ୍ଦ ଦ୍ୱାରା ଏବଂ ଚଢ଼ାଗଳାରେ ମାଇକର ଗୀତା ବାଜା କାନ ଉପରେ ବହୁତ କୁ ପ୍ରଭାବ ପକାଇଥାଏ । ଗାଡି ମଟର ଏତେ ମାତ୍ରାରେ ବୃଦ୍ଧି ପାଇଲାଣି ଫଳରେ ବାୟୁମଣ୍ଡଳ ଏହାର କାର୍ବନ ଡାଇଅକ୍ସାଇଡ ଦ୍ୱାରା ବହୁମାତ୍ରାରେ ପ୍ରଦୂଷିତ ହେଉଛି । ହୁଏତ ସମୟ ଆସିବ, ଆମକୁ ଏକ ଅକ୍ସିଜେନ ପାରଲରରୁ ଅମ୍ଳଯାନ ନେଇ ଜୀବନ ବଂଚାଇବାକୁ ପଡ଼ିବ । ତେଣୁ ଅଧିକ ମାତ୍ରାରେ ବୃକ୍ଷରୋପଣ ହେଉଛି ଏକମାତ୍ର ପନ୍ଥା । ଆଜିକାଲି ସମସ୍ତଙ୍କର ଦରକାର ମୋବାଇଲ ଫୋନ । ଏହାର ଉପଯୁକ୍ତ ବ୍ୟବହାର ନକଲେ ହୁଏତ ଜୀବନ ଦୀପ ଯେତେବେଳେ ଲିଭିଯିବ ତାହା କେହି କହିପାରିବେନି । ନିକଟରେ ଆପଣଙ୍କର ତିକ୍ତ ଅନୁଭୂତି ବିଘ୍ନନାଶ ଗଣେଶଙ୍କ ଠାରୁ ମା'ଦୁର୍ଗାଙ୍କ ମୂର୍ତି ବିସର୍ଜନ । ବିଭିନ୍ନ ମାରାତ୍ମକ ରାସାୟନିକ ରଙ୍ଗରେ ଭରପୁର ମୂର୍ତିକୁ ନଦୀ ଜଳରେ ଭସାଇ କେତେ ଜଳ ପ୍ରଦୂଷଣ ହେଉଛି ତାହା ସମସ୍ତଙ୍କୁ ଜଣା । ସ୍ୱାସ୍ଥ୍ୟ ହାନିର ଏହା ଏକ ଜ୍ୱଳନ୍ତ ଉଦାହରଣ । ସବୁଠୁ ଦୁଃଖର କଥା ଆମେ ଏତେ ପ୍ରଦୂଷଣ କରି ମଧ୍ୟ ଆମ ପ୍ରଶାସନର ସ୍ଥାଣୁତା ଆମକୁ ଅଧିକ ପ୍ରୋତ୍ସାହିତ କରୁଛି । ଏହାର ପ୍ରତିକାର ନହେଲେ ହୁଏତ ଏ ମଣିଷ ସମାଜ ଖୁବ ଶୀଘ୍ର ଧ୍ୱଂସ ପାଇଯିବ । ଆସନ୍ତୁ ଏବେ ବି ସମୟ ଅଛି ଆମ ପରିବେଶ ସଫା ରଖିବା ସୁସ୍ଥ ସବଳ ହୋଇ ବଂଚିବା ।

*ସମ୍ପାଦକ, ନିରାମୟ, କଟକ : ୯୮୬୧୪୬୪୯୩୨*

# ଭାରତୀୟ ଅର୍ଥନୀତି, ଷ୍ଟେଟ ବ୍ୟାଙ୍କ ଓ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା

◆ ବିପିନ ଚନ୍ଦ୍ର ଚୌଧୁରୀ

ବର୍ତମାନର ସମୟ ଦେଖନ୍ତୁ ସମସ୍ତେ ଚାହୁଁଛନ୍ତି ଘରେ ବସି ହାତ ପାହାନ୍ତାରେ ଡିଜିଟାଲ ବ୍ୟାଙ୍କିଙ୍ଗ ସୁବିଧା ଯାହାକି ସେମାନଙ୍କୁ ବ୍ୟାଙ୍କ ଯିବା ଧାଁ ଧଉଡ ସମୟର ଅପଚୟରୁ ବଂଚାଇବ । ଭାରତୀୟ ଅର୍ଥନୀତିରେ ବ୍ୟାଙ୍କ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ପ୍ରତିଟି ବ୍ୟକ୍ତି ସମାଜ, ଗୃହ, ସର୍ବୋପରି ରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧିର ଶ୍ରେଷ୍ଠ ମାଧ୍ୟମ ହେଉଛି ବ୍ୟାଙ୍କ । ଆଜି ସମଗ୍ର ବିଶ୍ୱରେ ଭାରତର ବ୍ୟାଙ୍କ ଗୁଡ଼ିକ ନିଜ ଶ୍ରେଷ୍ଠତା ଅର୍ଜନ କରିଛନ୍ତି । ଆଜି ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ଯୁଗରେ ସମସ୍ତଙ୍କ ପାଖରେ ହାତ ପାହାନ୍ତରେ ରହୁଛି ସୂଚନା ପ୍ରଯୁକ୍ତିର ସର୍ବଶେଷ ସମସ୍ତ ଉପାଦେୟ ତଥ୍ୟ ଓ କୌଶଳ । ଡିଜିଟାଲ ବ୍ୟାଙ୍କିଙ୍ଗ ତ୍ୱରାନ୍ୱିତ ହେବାପରେ ଏହି ସୁବିଧା ଲୋକେ ଘରେ ବସି ପାଇପାରୁଛନ୍ତି । ଭାରତର ଅନ୍ୟତମ ସର୍ବବୃହତ ନିର୍ଭରଯୋଗ୍ୟ ଓ ବିଶ୍ୱସ୍ଥ ବ୍ୟାଙ୍କ ହେଉଛି ଭାରତୀୟ ଷ୍ଟେଟବ୍ୟାଙ୍କ । ସାଧାରଣରେ ବ୍ୟାଙ୍କରେ ବୋଇଲେ ଲୋକମାନେ ଷ୍ଟେଟ ବ୍ୟାଙ୍କକୁ ବୁଝନ୍ତି । ଭାରତୀୟ ଷ୍ଟେଟ ବ୍ୟାଙ୍କର କଟକ ମୁଖ୍ୟ ଶାଖା ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇ ଯାଇଛି । ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ଫେସ ଅଥେଂଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣ ପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ କଟକ ମୁଖ୍ୟଶାଖା ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା । ପେନସନଭୋଗୀଙ୍କୁ ଜୀବନ ପ୍ରମାଣ ପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି । ପେନସନଭୋଗୀ ମାନେ ଜୀବନ ପ୍ରମାଣ ପତ୍ର ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ଦାଖଲ କରିପାରିବେ । ଫେସ ଅଥେଂଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀ ମାନେ ଜୀବନ ପ୍ରମାଣପତ୍ର ଦାଖଲ କରି ପାରିବେ । ଏହାଛଡ଼ା ଆଣ୍ଡ୍ରଏଡ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ । ଭାରତର ସମସ୍ତ ବ୍ୟାଙ୍କ ଭିତରେ ପ୍ରଥମ ସ୍ଥାନରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଲୋକମାନଙ୍କୁ ସାମଗ୍ରୀକ ସୁବିଧା ସୁଯୋଗ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରଖିଛି । ଭାରତୀୟ ମାନଙ୍କର ଏକ ନିର୍ଭରଯୋଗ୍ୟ ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ବେଶ ପରିଚିତ । ଓଡ଼ିଶାରେ କଟକ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପ୍ରଗତି ଓ ଜନସାଧାରଣଙ୍କୁ ସାମଗ୍ରିକ ବ୍ୟାଙ୍କ ସ୍ୱାର୍ଥ ସୁବିଧା ଯୋଗାଇବାରେ ବିଶେଷ ଅଗ୍ରଗତି କରି ଗ୍ରାହକଙ୍କ ବିଶ୍ୱାସଭାଜନ ହେବା ସହ ବ୍ୟାପକ ସହଯୋଗର ହାତ ବଢ଼ାଇଛି । କେନ୍ଦ୍ର ସରକାର ପେନସନଭୋଗୀଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଓ ସେମାନଙ୍କର ହାତପାହାନ୍ତାରେ ବ୍ୟାଙ୍କ ସେବା ସୁବିଧା ବ୍ୟାପକ ଉପଲବ୍ଧ କରୁଛନ୍ତି । ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାରେ ଭାରତ ସରକାରଙ୍କ ଦ୍ୱାରା ପେନସନଭୋଗୀଙ୍କ ପାଇଁ ଡିଜିଟାଲ ଲାଇଫ ସାର୍ଟିଫିକେଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ପେନସନ ଓ ପେନସନ ୱେଲଫେୟାର ବିଭାଗର ଅଣ୍ଡର ସେକ୍ରେଟାରୀ ଶ୍ରୀ ବିଶାଲ କୁମାର, ଏଏସ୍‌ଓ ଅଂଶୁଳ ଶର୍ମା, ଇଓ୍ୱାଇଡିଆଇ (ଆଧାର)ର ଡେପୁଟି ଡାଇରେକ୍ଟର ଟି. ଚୈତନ୍ୟ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ସର୍ବବୃହତ ଯୋଜନା ପେନସନ ଭୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ବୋଲି ମତବ୍ୟକ୍ତ କରିଥିଲେ । ଏହାଦ୍ୱାରା ଜୀବନ ପ୍ରମାଣ ଆପ ଦ୍ୱାରା ପେନସନଭୋଗୀମାନେ ଜୀବନ ପ୍ରମାଣ ପତ୍ର ପୈଠ କରିପାରିବେ ଯାହାଦ୍ୱାରା ସେମାନଙ୍କୁ ବ୍ୟାଙ୍କକୁ ଆସି ସେମାନଙ୍କର ମୂଲ୍ୟବାନ ସମୟର ଅପବ୍ୟୟ କରିବାକୁ ପଡ଼ିବନି । ଏହି ଅବସରରେ ଶତାଧିକ ପେନସନଭୋଗୀ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣ ପତ୍ର ପୈଠ କରିଥିଲେ । କାର୍ଯ୍ୟକ୍ରମକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, କଟକ ମୁଖ୍ୟ ଶାଖାର ଉପମହାପ୍ରବନ୍ଧକ ସନ୍ତୋଷ କୁମାର ବେହେରା, ମୁଖ୍ୟ ପ୍ରବନ୍ଧକ ବିଜୟ କୁମାର ନାୟକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକରୁ ଉର୍ଦ୍ଧ୍ୱ ଗ୍ରାହକ, ପେନସନଭୋଗୀ, ଅର୍ଥନୀତି ବିଶାରଦ, ପୂର୍ବତନ ବ୍ୟାଙ୍କ କର୍ମକର୍ତା ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ସୂଚନାଥାଉକି କଟକ ମୁଖ୍ୟ ଶାଖା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଉପମହାପ୍ରବନ୍ଧକ ସନ୍ତୋଶ କୁମାର ବେହେରାଙ୍କ ତତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ଶାଖା ଜନସାଧାରଣଙ୍କ ବିଶ୍ୱାସ ଜିତିବା ସହ କଟକ ସହରର ସମସ୍ତ ବ୍ୟାଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ଆଦର୍ଶଣୀୟ ବ୍ୟାଙ୍କ ଶାଖା ପାଲଟିଛି । ଗ୍ରାହକମାନେ ତତ୍କାଳ ଓ ଉନ୍ନତମାନର ସେବା ପାଉଛନ୍ତି । ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନ ଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନ ଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣ ପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି । ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି । ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତୀୟ ଅର୍ଥନୀତିର ପ୍ରଗତି ପାଇଁ ଏକ ସର୍ବଶ୍ରେଷ୍ଠ ବ୍ୟାଙ୍କ ସେବା । କୋଟି କୋଟି ଜନସାଧାରଣଙ୍କ ବିଶ୍ୱ ଭାଜନ ହୋଇଛି ଭାରତୀୟ ଷ୍ଟେଟ ବ୍ୟାଙ୍କ । ସାଧାରଣରେ ଅର୍ଥନୀତିରେ ସଂଚୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ପ୍ରଗତିରେ ଆମ ସମସ୍ତଙ୍କର ଉତରଦାୟୀ ଭୂମିକା ରହିଛି । ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନଧର୍ମୀ ଓ ଗୁରୁତ୍ୱପୂର୍ଣ୍ଣ ସେବା ସହଯୋଗ ଦ୍ୱାରା ଭାରତୀୟ ଅର୍ଥନୀତି ସୁଦୃଢ଼ ହୋଇ ପାରିବ ।

*ଅବସରପ୍ରାପ୍ତ ଅର୍ଥ ପରାମର୍ଶଦାତା, ଆରବିଆଇ (ଏସବି ବ୍ୟୁରୋ) ୧୨୩, ଆଦିତ୍ୟ ବିହାର, ଶହୀଦନଗର, ଭୁବନେଶ୍ୱର*

# ଘରୋଇ ଉପଚାର



▶ ଶୁଖିଲା ଧନିଆଁକୁ ପେସି ସେଥିରେ ୧/୨ ଚାମଚ ମିଶ୍ରି ମିଶାଇ ଖାଆନ୍ତୁ । ଏମିତି ଦିନରେ ପ୍ରାୟ ୩-୪ ଥର କରନ୍ତୁ, ଏହା ଗଳାକୁ ଆରାମ ଦେବ ।

▶ ଗୋଟିଏ ରସୁଣ କୋଳା ଓ ଲବଙ୍ଗ ପେସି ଦିଅନ୍ତୁ । ଏଥିରେ ମହୁ ମିଶାଇ ଦିନରେ ହାରାହାରି ୩ଥର ଖାଆନ୍ତୁ । ଆପଣଙ୍କ ଗଳା ସମସ୍ୟା ଦୂର ହୋଇଯିବ ।

▶ ଘିକୁଆରୀ ରସକୁ ଗରମ କରନ୍ତୁ । ସେଥିରେ ବଟା ଗୋଲମରିଚ ଓ ସୈନ୍ଧବଲବଣ ମିଶାଇ ୨ଥର ଖାଆନ୍ତୁ । ଏଥିରେ କାଶ ବନ୍ଦ ହୋଇଯିବ ଓ ଗଳା ସମସ୍ୟା ମଧ୍ୟ ଦୂର ହୋଇଯିବ ।

▶ ଏକଗ୍ଲାସ ଗରମ ପାଣିରେ ପିଆଜ ରସ ମିଶାଇ ପିଅନ୍ତୁ । ଏହାଦ୍ୱାରା ଗଳାକୁ ଆରାମ ମିଳିବ ଓ କାଶ ସମସ୍ୟା ଦୂର ହେବ ।

▶ ଅଳ୍ପ ଫିଟ୍‌କିରିକୁ ତାୱାରେ ଗରମ କରି ଗୁଣ୍ଡ କରନ୍ତୁ । ୧ଗ୍ଲାସ ଗରମ ପାଣିରେ ଫିଟିକିରି ପକାଇ ସକାଳ ଓ ସନ୍ଧ୍ୟାରେ ଗାର୍ଗଲିଂ କରନ୍ତୁ । ଗଳା ସମସ୍ୟା ଦୂର ହୋଇଯିବ ।

▶ ତେନ୍ତୁଳି ପାଣିରେ ଭିଜାଇ ଦିନରେ ୨ଥର ଏହି ପାଣିରେ କୁଳି କରନ୍ତୁ । ଗଳାକୁ ଉପଶମ ମିଳିବ ।

▶ ୫ଟି ଗୋଲମରିଚକୁ ଗୁଣ୍ଡକରି ତୁଳସୀ ପତ୍ର ସହିତ ୧କପ୍ ପାଣିରେ ଗରମ କରନ୍ତୁ । ସେଥିରେ ମହୁ ମିଶାଇ ଦିନରେ ୨ଥର ଖାଆନ୍ତୁ । ଏହାଦ୍ୱାରା କାଶ ଓ ସଂକ୍ରମଣ ଜନିତ ସମସ୍ୟା ଦୂର ହୋଇଥାଏ ।



କସ୍ତୁରୀ

ସୌନ୍ଦର୍ଯ୍ୟ

# ଶୀତଦିନେ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ

**ଶୀତଦିନେ ଦେହକୁ ଆରାମ ଦେଲେ ମଧ ଶରୀର ପାଇଁ ବିଭିନ୍ନ ସମସ୍ୟା ଆଣିଥାଏ । ବିଭିନ୍ନ ଲୋକଙ୍କ ଠାରେ ଭିନ୍ନ ଭିନ୍ନ ସମସ୍ୟା ଦେଖିବାକୁ ମିଳିଥାଏ ଏହି ଋତୁରେ । ବିଶେଷ କରି ସାବୁନ ଓ ଫେସୱାସ ଦ୍ବାରା ଶୁଷ୍କତାକୁ ବଢ଼ାଇବା ସହ ବହୁ ସମସ୍ୟା ଡାକିଆଣେ । ତେବେ କେମିତି ଏସବୁର ସମାଧାନ କରି ପାରିବେ ଚାଲନ୍ତୁ ଜାଣିବା ।**

◆ ପ୍ରଫେସର ଡାକ୍ତର ବିନୋଦିନୀ ବେହେରା



ପ୍ରଶ୍ନ : ଶୀତଦିନ ଆସିବା ମାତ୍ରେ ମୋର ଓଠ ଏବଂ ମୁହଁ ଚମଡ଼ା ରୁକ୍ଷ ହୋଇଯାଏ । ବିଶେଷକରି ଓଠ ଫାଟି ରକ୍ତ ବାହାରେ । ନଡ଼ିଆ ତେଲ, ଗ୍ଲିସେରିନ୍ ଲଗାଇଲେ ବି କିଛି ଲାଭ ହୁଏନାହିଁ । କ'ଣ କଲେ ଶୀତଦିନେ ମୋ ଓଠ ଆଉ ଫାଟିବ ନାହିଁ ?

ଉତର : ଓଠ ନଫାଟିବା ପାଇଁ ନିୟମିତ ୪/୫ ଥର ଭେସଲିନ ଲଗାନ୍ତୁ । ଓଠାରେ ଜିଭ ଲଗାନ୍ତୁ ନାହିଁ । ଯଦି ତେଲ ଲଗାଇବା ପରେ ମଧ ମୁହଁ ଫାଟୁଛି, ତେବେ କୌଣସି ଭଲ କମ୍ପାନୀର ମଏଶ୍ଚରାଇଜର ବ୍ୟବହାର କରନ୍ତୁ । ଆଉ ସାବୁନ ଓ ଫେସୱାସର ବ୍ୟବହାର କମ କରନ୍ତୁ । ଏହା ଶୀତ ଦିନେ ତ୍ୱଚାକୁ ଅଧିକ ଶୁଷ୍କ କରିଥାଏ ।

ପ୍ରଶ୍ନ : ହାଲୁକା ଶୀତ ଅନୁଭବ ହେଲା ମାତ୍ରେ ମୋ ପାଦ ତଳର ତ୍ୱଚା ଫାଟି ରକ୍ତ ବାହାରେ । ଚଲାବୁଲା କରିବାରେ ସମସ୍ୟା ହୁଏ । ମୁଁ ଭେସଲିନ, ଗ୍ଲିସେରିନ ଲଗାଏ । ରାତିରେ ଶୋଇବା ବେଳେ ନଡ଼ିଆ ତେଲ ମାଲିସ କରେ । ତଥାପି ସମସ୍ୟା କମେ ନାହିଁ । କ'ଣ କରିବି ?



ଉତର : ଏହି ସ୍ଥିତିରେ ନିୟମିତ ପାଦରେ ମୋଜା ପିନ୍ଧନ୍ତୁ । ଖାଲି ପାଦରେ ଚାଲନ୍ତୁନାହିଁ । ଅଧିକ ସାବୁନ ବା ସର୍ଫ ପାଣି ପାଦରେ ବାଜିବାକୁ ଦିଅନ୍ତୁ ନାହିଁ । ରାତିରେ ଶୋଇବା ପୂର୍ବରୁ ପାଦରେ ଭେସଲିନ କିମ୍ବା ରନ୍ଧା ନଡ଼ିଆ ତେଲ ମାଲିସ କରି ଶୁଅନ୍ତୁ । ପାଦ ଫାଟିବା କମିଯିବ ।

ପ୍ରଶ୍ନ : ଶୀତ ଆସିଲା ମାତ୍ରେ ମୋ କେଶ ରୁକ୍ଷ ହୋଇଯାଏ । କିନ୍ତୁ ଅଧିକ କଷ୍ଟ ଦିଏ ରୂପି ଏବଂ ମୁଣ୍ଡର ଇନଫେକସନ । ଏଥିରୁ କିପରି ମୁକ୍ତି ପାଇବି ?

ଉତର : ଫଙ୍ଗାଲ ଇନଫେକସନ ଦୂର କରିବା ପାଇଁ ସପ୍ତାହକୁ ଦୁଇଥର କୌଣସି ଆଂଟି ଫଙ୍ଗାଲ ଶାମ୍ପୋ ବ୍ୟବହାର କରନ୍ତୁ । କେଶରେ କମ ତେଲ ଲଗାନ୍ତୁ । ମୁଣ୍ଡ ସଫା କରିବା ପୂର୍ବଦିନ ରାତିରେ ତେଲ ଲଗାଇ ସକାଳୁ ସଫା କରିନିଅନ୍ତୁ । କେଶରେ ଅଧିକ ସମୟ ତେଲ ରହିବାକୁ ଦିଅନ୍ତୁ ନାହିଁ ।

ପ୍ରଶ୍ନ : ଶୀତଦିନେ ସନ୍ଧ୍ୟା ସମୟରେ ବାହାରକୁ ବାହାରିଲା ମାତ୍ରେ ମୋର ସମଗ୍ର ଶରୀର କୁଣ୍ଡେଇହେଲା ଭଳି ଲାଗେ । ଘରକୁ ଆସି ଧୁଆଧୁଇ ହୋଇଗଲେ କମିଯାଏ । ଦିନ ଅପେକ୍ଷା ରାତିରେ ଏହି ସମସ୍ୟା ଅଧିକ ହୁଏ । ଏପରି ହେବାର କାରଣ କ'ଣ ?

ଉତର : କିଛି ଲୋକଙ୍କର ଚର୍ମ ଅତ୍ୟଧିକ ସ୍ପର୍ଶକାତର ହୋଇ ଥାଏ । ସେମାନଙ୍କ ଠାରେ ଏଭଳି ସମସ୍ୟା ଦେଖା ଦେଇ ଥାଏ । ଏହି ସମସ୍ୟାର କୌଣସି ଘରୋଇ ଉପଚାର ନାହିଁ । ତେଣୁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ । ଆପଣଙ୍କ ସମସ୍ୟା ଦୂର ହୋଇଯିବ ।

*ପ୍ରଫେସର, ଚର୍ମ ଓ ଯୌନ ରୋଗ ବିଭାଗ, ପିଏମଆରଆଇ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ବାରିପଦା*

# ବାଲ୍ୟ ବିବାହ ଓ ସ୍ୱାସ୍ଥ୍ୟ ସମସ୍ୟା

◆ ଡାକ୍ତର କାନ୍ତୀ ନାୟକ

ଆଜିର ସମୟରେ ଏକ ପ୍ରକାର ପୂର୍ବ ପ୍ରଥା କୁହାଯାଉଥିବା ବାଲ୍ୟ ବିବାହ ମଧ ଗୋଟିଏ ଗୋଟିଏ ସ୍ଥାନରେ ଅନୁଷ୍ଠିତ ହେଉଛି । ବାଲ୍ୟ ବିବାହକୁ ନେଇ କେତେକ କ୍ଷେତ୍ରରେ ଝିଅଟି ପ୍ରଶାସନର ସାହାରା ନେଇ ନିଜ ଗୋଡରେ ପ୍ରଥମେ ଛିଡ଼ାହୋଇ ପରବର୍ତୀ ସମୟରେ ବିବାହ ପରି ଏକ ମାଙ୍ଗଳିକ ବିଧି ବ୍ୟବସ୍ଥରେ ନିଜକୁ ସାମିଲ କରୁଛି । ଅନେକ ହୁଏତ ଜାଣିନାହାଁନ୍ତି ଯେ ସମଗ୍ର ପୃଥିବୀର ସର୍ବମୋଟ ଜନସଂଖ୍ୟାର ଏକ ପଂଚମାଂଶ ହେଉଛନ୍ତି କିଶୋରୀ । ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ଭାରତରେ ୧୦-୨୦ ବର୍ଷ ମଧରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି । ଦୁଃଖଦ ଚିତ୍ରର ସଙ୍କେତଟି ହେଉଛି ଏହା ଯେ, ସେମାନଙ୍କ ମଧରୁ ୨୦ ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଞ୍ଛିତ ହୋଇଥାଏ । ଭାରତରେ ପ୍ରତି ବର୍ଷ ୩୦ ଲକ୍ଷ କିଶୋରୀ କନ୍ୟା ବିବାହ କରିଥାନ୍ତି ଏବଂ ସେମାନଙ୍କ ଭିତରୁ ଶତକଡ଼ା ୪୩ ଭାଗ ମୃତ୍ୟୁ ଗର୍ଭ ଯନ୍ତ୍ରଣା ଓ ଅସମୟରେ ସନ୍ତାନ ପ୍ରସବଜନିତ କାରଣରୁ ହୋଇଥାଏ । କିଶୋରୀ ଝିଅ ମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ନିକଟସ୍ଥ ଏମ.ଟି.ପି. କେନ୍ଦ୍ରକୁ ନ ଯାଇ ଗାଁ ଗହଳିରେ ଅଣତାଲିମ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ପରେ ସେପ୍ଟିକ ଆବୋରସନ୍‌ର ଶିକାର ହୁଅନ୍ତି । ଏହି ନକଲି ଡାକ୍ତରମାନେ



ହଜାର ହଜାର ସଂଖ୍ୟାର କିଶୋରୀ ମାନଙ୍କ ଜୀବନକୁ କ୍ଷତାକ୍ତ ଓ ଯନ୍ତ୍ରଣାଦାୟକ କରିବାରେ ସହାୟକ ପାଲଟିଥାନ୍ତି । ଅନେକ ମୃତ୍ୟୁମୁଖରେ ପଡ଼ିଥାନ୍ତି ତ ଆଉ କେତେକ ଆଜୀବନ ନିଜର ଜରାୟୁ ହରାଇଥାନ୍ତି । କେତେ ଜଣଙ୍କର ମଧ ବନ୍ଧ୍ୟାଦୋଷ, ବାରମ୍ବାର ଗର୍ଭପାତ ଓ ଅପରିଣତ ପ୍ରସବ ହୋଇଥାଏ । ତେବେ ଏହା ହିଁ ସବୁଠାରୁ ଅଭାବନୀୟ ଘଟଣା । ଏହି ସମୟରେ ଝିଅଟି ତା ଶରୀରର ପ୍ରତିପୋଷଣ ଓ ପରିବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଆବଶ୍ୟକ ହେଉଥିବା ବେଳେ ପିଲାଟି ପାଇଁ ମଧ ପୁଷ୍ଟିକର ଖାଦ୍ୟର ଦରକାର ହୋଇଥାଏ । ଏହି ସମୟରେ ଝିଅଟିର ଶରୀରର ବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଦରକାର



ହେଉଥିବାବେଳେ ଶିଶୁଟି ପାଇଁ ମଧ ପୁଷ୍ଟିକର ଖାଦ୍ୟ ଆବଶ୍ୟକ ହୋଇଥାଏ । ଯାହାକି ରକ୍ତହୀନତା ରୋଗର ସୃଷ୍ଟି କରିଥାଏ । ପ୍ରସବ କଷ୍ଟସାଧ ହୋଇଥାଏ । ସିଜରିଆନ୍ କରାଯାଏ । ଫଳରେ ଅଳ୍ପ ଓଜନର ଶିଶୁ ହୁଏ । ତେଣୁ ଶିଶୁ ମୃତ୍ୟୁହାର ଅନେକାଂଶରେ ବଢ଼ିଯାଏ । ଏଠାରେ ସୂଚାଇ ଦେଉଛି କି ଯେ, ଜଣେ ବିବାହିତା କିଶୋରୀ ଗର୍ଭାବସ୍ଥା ଓ ପ୍ରସବକୁ ଆନନ୍ଦର ସହ ଗ୍ରହଣ କରୁଥିବା ସମୟରେ ବାଲ୍ୟ ବିବାହ କରିଥିବା ଝିଅଟିଏ ପାଇଁ ଏହା ମାନସିକ ଦୁଷ୍ଚିନ୍ତାର କାରଣ ହୋଇଯାଏ । ନିଜ ଜୀବନର କଷ୍ଟଦାୟକ ମୁହୂର୍ତକୁ ସାମ୍ନା କରୁଥିବା ବେଳେ ସେ ଆନନ୍ଦ, କ୍ରୋଧ, ମାନସିକ ଅବସାଦ ଦେଇ ଗତିକରେ । ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମନେ ରଖନ୍ତୁ ଜଣେ ଗର୍ଭବତୀ ହେବାପରେ ନିଜର ପରିଚିତ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହୁଅନ୍ତୁ ବା ସରକାରୀ ଡାକ୍ତରଖାନା ସେଠାରେ ନିୟମିତ ବ୍ୟବଧାନରେ ବିଶେଷଜ୍ଞ ଡାକ୍ତରଙ୍କ ସହଯୋଗରେ ଗର୍ଭାବସ୍ଥାରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ରକ୍ତଚାପ ଆଦି ପରୀକ୍ଷା କରାଇନେବା ଜରୁରୀ । ଏହାଛଡ଼ା ସୁଷମଖାଦ୍ୟ ଓ ଆଇରନ, କ୍ୟାଲସିୟମ ଖାଇବା ପାଇଁ ପରାମର୍ଶ ଦେବା ଉଚିତ । ଏକ ଦୁଃଖଦ ଘଟଣାକ୍ରମଟି ହେଉଛି ଏୟା ଯେ, କମ୍ ବୟସରେ ପହଂଚିଥିବା କିଶୋରୀଟି ନିଜ ଜୀବନ ଓ ଦୁନିଆକୁ କିଛି ବୁଝିବା ପୂର୍ବରୁ ହିଁ ସେ ଅସମୟରେ ଗର୍ଭବତୀ ହୋଇ ଯେଉଁ ସନ୍ତାନଟିକୁ ଜନ୍ମ ଦେଇଥାଏ । ଏହି କମ୍ ବୟସରୁ ମା' ବନିଥିବା ଅଳ୍ପ ବୟସର ଗର୍ଭବତୀଙ୍କ ପ୍ରସବ ସମୟରେ ଅନେକ ଜଟିଳତା ଦେଖାଦିଏ । କେତେକ କ୍ଷେତ୍ରରେ ପ୍ରସୂତୀଟି ନିଜ ପିଲାଟିକୁ ଜନ୍ମ ଦେବା ପରେ ଦେହରୁ ଅଧିକ ରକ୍ତକ୍ଷରଣ ହୋଇଥାଏ ଓ କେତେକ କ୍ଷେତ୍ରରେ ମଧ ଏହା ସେପ୍‌ସିସ୍‌ର ଭୟ ରହିଥାଏ । ଏହାଛଡ଼ା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ମା'ଟିକୁ ଉପଯୁକ୍ତ ପରାମର୍ଶ ଦେବା ଜରୁରୀ । ପ୍ରସବ ପରେ ପୁଣିଥରେ ଗର୍ଭଧାରଣ ନକରିବା ପାଇଁ ଝିଅଟିକୁ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରୋତ୍ସାହନ ଦେବା ଉଚିତ । ଆଜିର କ୍ରାନ୍ତିକାରୀ ସ୍ୱାସ୍ଥ୍ୟ ବିଜ୍ଞାନର ଯୁଗରେ କମ ବୟସରେ ମା'ହେଉଥିବା କିଶୋରୀଟି ପାଇଁ ତା ଦୁନିଆଟି ଯେ କେତେ ଦୁଃଖଦ ପାଲଟି ଯାଏ ତାହା ମଧ ଏକ ବହୁତ ବଡ଼ ଘଟଣାର ଆହ୍ୱାନ !! ଓଡ଼ିଶା ସରକାର ସ୍ତ୍ରୀ ଓ ପ୍ରସୂତୀରୋଗ କ୍ଷେତ୍ରରେ ଅନେକ ପ୍ରୋତ୍ସାହନ ଓ ସହାୟତା ଦେଉଛନ୍ତି । ଜଣେ ମହିଳା ବା କିଶୋରୀ ଗର୍ଭବତୀ ହେବା ସମୟରୁ ହିଁ ସେମାନେ କିପରି ଉତମ ପୁଷ୍ଟିକର ଖାଦ୍ୟ ଖାଇବେ, ସେମାନଙ୍କ ଭିତରେ କିପରି ସଚେତନତା ବଢ଼ିବ ଏବଂ ସେହିମାନେ ହିଁ ଆଜିର ଯୁଗରେ କୁସଂସ୍କାରକୁ ଦୂରେଇ ପାରିବାରେ ମଧ ସାମର୍ଥ୍ୟ ରଖିବେ । ସରକାରଙ୍କ ସମସ୍ତ ଡାକ୍ତରଖାନା ପିଏସ୍‌ସି ହେଉ ବା ସିଏସ୍‌ସି, ଜିଲ୍ଲାସ୍ତରୀୟ ଡାକ୍ତରଖାନା ହେଉ ବା ବଡ଼ମେଡ଼ିକାଲ ସବୁଠି ବିନା ମୂଲ୍ୟରେ ଚିକିତ୍ସା, ପରାମର୍ଶ ଓ ସହାୟତା ଗ୍ରହଣ କରନ୍ତୁ । କୌଣସି କାନକୁହା କଥା ଶୁଣି କୌଣସି ପଦକ୍ଷେପ ନିଅନ୍ତୁ ନାହିଁ । ଓଡ଼ିଶାର କିଛି ସୀମାନ୍ତ ଓ ଜଳଭଣ୍ଡାର କ୍ଷେତ୍ରର ସ୍ଥାନୀୟ ମହିଳା ମାନଙ୍କ ପାଖକୁ କିପରି ସରକାରଙ୍କ ସ୍ୱାସ୍ଥ୍ୟ ଓ ପ୍ରସୂତୀର ସହାୟତା ମିଳିପାରିବ ସରକାର ସେ ଦାୟିତ୍ୱ ମଧ ହାତକୁ ନେଇଛନ୍ତି । ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଓ ବୋଟ ଆମ୍ବୁଲାନ୍ସର ସୁଯୋଗ ମଧ ସରକାର ରାଜ୍ୟବାସୀଙ୍କୁ ଯୋଗାଇ ଦେଇଛନ୍ତି ।

*ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

# ସ୍ମାର୍ଟ ଶ୍ରୀମତୀ



➢ ଆପଣ ଦିନସାରା ସମସ୍ତଙ୍କ ସହିତ ହସି କରି କଥାବାର୍ତା କରନ୍ତୁ । ହସ ହସ ମୁହଁ, ଆପଣଙ୍କ ମନରେ ସେମାନଙ୍କ ପାଇଁ ସମ୍ମାନ ରହିଛି ବୋଲି ପ୍ରମାଣ ଦେବ ।

➢ ଜୀବନ ଓ ସମୟ ଆପଣଙ୍କ ନିୟନ୍ତ୍ରଣରେ ଅଛି । ସେଥିପାଇଁ ସାମ୍ନା କରିବାକୁ ଥିବା ସମସ୍ତ ସ୍ଥିତିକୁ ଖୁସିରେ ସ୍ୱୀକାର କରନ୍ତୁ ।

➢ ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରନ୍ତୁ ନାହିଁ । ସମସ୍ତଙ୍କ ଖୁସି ରହିବାର ମାନଦଣ୍ଡ ଭିନ୍ନ ଭିନ୍ନ । ନିଜକୁ ଭଲ ପାଇ ଶିଖନ୍ତୁ, ତେବେ ଯାଇ ଅନ୍ୟମାନଙ୍କ ମହତ୍ୱ ବୁଝିପାରିବେ ।

➢ ଆଶାବାଦୀ ଲୋକଙ୍କ ସହିତ ମିଳାମିଶା କରନ୍ତୁ । ନିରାଶାବାଦୀ ଲୋକଙ୍କ ସହିତ ମିଶିଲେ ନିରାଶା ମିଳିବ । ଖୁସ୍‌ମିଜାଜ୍ ଲୋକଙ୍କୁ ବନ୍ଧୁ ରୂପେ ବାଛନ୍ତୁ ଓ ନିଜେ ଖୁସି ରୁହନ୍ତୁ । ଖୁସି ବାଂଟିଲେ ବଢ଼ିଥାଏ ।

➢ ସହଜରେ ବାଦମରୁ ଚୋପା ଛଡ଼ାଇବାକୁ ଚାହିଁଲେ ତାକୁ ୧୫/୨୦ମିନିଟ୍ ପର୍ଯ୍ୟନ୍ତ ଗରମ ପାଣିରେ ଭିଜାଇଦିଅନ୍ତୁ । ଚୋପା ସହଜରେ ବାହାରିଯିବ ।

➢ ଲେମ୍ବୁ ଟାଣ ହୋଇ ଯାଇଥିଲେ ତାକୁ କିଛି ସମୟ ଗରମ ପାଣିରେ ରଖିନେଲେ ରସ ବାହାରିବା ସହଜ ହୋଇଯାଏ ।

➢ ଚର୍ମ ରୋଗରେ ତୁଳସୀ ପତ୍ରକୁ ଲେମ୍ବୁ ରସ ସହିତ ମିଶାଇ ଲେପ ଦିଆଯାଇଥାଏ

➢ ବେଲପତ୍ରକୁ ଛେଚି ଖାଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

➢ ନିମ ପତ୍ରର ରସ ପିଇଲେ ମଧୁମେହ ରୋଗ କମ୍ ହୋଇଥାଏ ।

# ପିଲାଙ୍କ ପାଖରୁ ସମ୍ବେଦନଶୀଳତା କମୁଛି ଏଥିପାଇଁ ଦାୟୀ କିଏ ?

◆ ରଶ୍ମୀରେଖା ପରିଡ଼ା

ଶୈଶବର ସମୟ କମ, ଚାହୁଁ ଚାହୁଁ ସରିଯାଏ ପିଲାବେଳ । ଆଜିର ପିଲାଏ ଯେ ସେମାନଙ୍କ ଶୈଶବକୁ ଉପଭୋଗ କରିପାରୁଛନ୍ତି ଏକଥା କହିବା ଭୁଲ ହେବ । ବାପା ମା'ଙ୍କ ସ୍ୱପ୍ନକୁ ସାକାର କରୁ କରୁ ପାକଳ ହୋଇଯାଉଛି ଶୈଶବ । ବାପା ମା'ଙ୍କ ଇଚ୍ଛାକୁ ଲଦି ଦିଆଯାଉଛି ସେମାନଙ୍କ ଉପରେ । ପିଠିରେ ପାଠର ବୋଝ । ହୋମ ଟାକ୍ସର ଭୟ । ସବୁଥିରେ ଆକଟ । ପ୍ରଜାତିପତି ପଛରେ ଗୋଡାଇଲେ ହୋମଟାକ୍ସ ଅଧା ରହିଯିବ । ପାଠରେ ମନ ନ ଦେଲେ କ୍ଲାସରେ ଫାଷ୍ଟ ହେଇହେବନି । ବାପା ମା'ଙ୍କ ଇଜ୍ଜତ ରହିବନି । ଏମିତି ଏକ ଟାର୍ଗେଟ ପୂରଣ କରୁ କରୁ କ୍ଲାନ୍ତ ହୋଇପଡ଼ୁଛି ପିଲାଟି । ତା'ପରେ ମଧ ତ୍ରାହି ନାହିଁ । ପାଠ ପାଠ ଆଉ ପାଠ । ଅଧିକ ପଇସା ସିଏ କେମିତି ରୋଜଗାର କରିପାରିବ ସେଥିପାଇଁ ତିଆରି କରାଯାଉଛି ତାକୁ । ସଚ୍ଚୋଟ ମୂଲ୍ୟବୋଧ ମଣିଷ କେମିତି ହେବ ଏ ଦିଗକୁ ସେତେଟା ଗୁରୁତ୍ୱ ଦେଉନାହାନ୍ତି ଆଜିର ବାପା ମାଆ । ଇତିମଧରେ ପାଳିତ ହୋଇଛି ଶିଶୁ ଦିବସ । ସ୍ୱାଧୀନତାର ୭୫ ବର୍ଷ ଆମେ



ପାଳନ କରୁଛେ, 'ଅମୃତ ମହୋତ୍ସବ' ଭାବରେ । ଏଇ ସମୟରେ ମଧ ଦେଶରେ ଶିଶୁ ଏବଂ ମା' ଅପପୁଷ୍ଟିର ଶିକାର ହେଉଥିବା ଖବର ପ୍ରକାଶ ପାଉଛି । ପୁଷ୍ଟିକର ଖାଦ୍ୟ ଖାଇବା ସବୁ ଲୋକଙ୍କ ପାଇଁ ସମ୍ଭବ ହେଉନି ବୋଲି ସର୍ବେକ୍ଷଣରୁ ଜଣାଯାଇଛି । ଦେଶରେ ଶିଶୁ ଶ୍ରମିକ ଏବେ ବି ଅଛନ୍ତି । ଦୁଇଟି ବର୍ଗର ଶିଶୁ ଅଛନ୍ତି ଆମ ଦେଶରେ । ଗୋଟିଏ ବର୍ଗ ଶିଶୁଙ୍କ ସବୁ ପ୍ରକାର ଚାହିଦା ପୂରଣ ହୋଇପାରୁଛି । ଖାଦ୍ୟଠୁ ଆରମ୍ଭ କରି ପାଠପଢ଼ା ଯାଏ । ଆଉ ଗୋଟେ ଗୋଷ୍ଠୀର ଶିଶୁ ସବୁପ୍ରକାର ନିଅଂଟ ଭିତରେ ବଢ଼ୁଛି, ମଣିଷ ହେଉଛି । ଆମ ଦେଶରେ ଦୁଇ ପ୍ରକାର ମାନର ପାଠପଢ଼ା ରହିଛି ଶିଶୁଙ୍କପାଇଁ । ସରକାରୀ ସ୍କୁଲ ଏବଂ ଘରୋଇ ସ୍କୁଲ । ସରକାରୀ ସ୍କୁଲର ପାଠପଢ଼ା ଏଯାଏ ଘରୋଇ ସ୍କୁଲ ପାଠପଢ଼ା ସହିତ ସମକକ୍ଷ ହୋଇପାରିନି, ଯଦିଓ ସରକାରୀ ସ୍କୁଲର ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଦରମା ଘରୋଇ ସ୍କୁଲ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଠାରୁ ଖୁବ ଅଧିକ । ଥିଳାବାଲା ଘରର ଶିଶୁଙ୍କ ପାଇଁ ବାପା ମା'ଙ୍କ ପାଖରେ ସମୟ ନାହିଁ । ସେମାନଙ୍କ ପାଖରେ ଟଙ୍କାର ଅଭାବ ନାହିଁ ସତ କିନ୍ତୁ ସମୟର ଅଭାବ ରହିଛି । ବାପା ମା' ସେମାନଙ୍କ ବୃତିକୁ ନେଇ ବ୍ୟସ୍ତ । ପିଲାଙ୍କ ଶୈଶବ ଯେ ଅଳ୍ପ ଦିନର ଏକଥା ସେମାନେ ଭୁଲିଯାଉଛନ୍ତି । ବାପା ମା'ପିଲାଙ୍କୁ ସମୟ ଦେଇପାରୁ ନାହାନ୍ତି ସେମାନଙ୍କ ଶୈଶବରେ, ତେଣୁ ଶିଶୁମାନେ ବଡ଼ ହୋଇ ବଡ଼ ଚାକିରି କରିବା ପରେ ବାପା ମା'ଙ୍କୁ ସମୟ ଦେଇପାରନ୍ତେ କେମିତି ? ପିଲାମାନଙ୍କ ଠାରୁ ସମ୍ବେଦନଶୀଳତା କମି କମି ଯାଉଛି, ଏଥିପାଇଁ ବାପା ମା'ଙ୍କୁ ଦାୟୀ କରିବା ଉଚିତ ହେବ ବୋଲି ଯେ କେହି କହିବେ । ଖୁବ କମ ବୟସରୁ ସେମାନଙ୍କୁ ବୁଝାଇ ଦିଆଯାଉଛି - ଅଧିକ ରୋଜଗାର କରିବା ହିଁ ଜୀବନର ଏକ ବଡ଼ ସଫଳତା ଏବଂ ପ୍ରାପ୍ତି । ଅନ୍ୟ ପାଇଁ ବ୍ୟସ୍ତ ବିବ୍ରତ ହେଲେ ଜୀବନରେ ଆଗକୁ ବଢ଼ିହେବନି । ତେଣୁ କେବଳ ପାଠରେ ମନଦେବା ଉଚିତ । ଅତି ଘନିଷ୍ଠ ଏବଂ ଆପଣାର କାହାରି ମୃତ୍ୟୁ ହେଲେ ମଧ ପାଠପଢ଼ାରେ ସାମାନ୍ୟ କ୍ଷତି ହେବ କହି ପିଲାଙ୍କୁ ଦୁଃଖ ଠାରୁ ଦୂରେଇ ରଖିବାକୁ ଉଚିତ ମଣୁଛନ୍ତି ବାପା ମାଆ । ଏଇ କାରଣରୁ ବାପା ମାଆଙ୍କ ମୃତ୍ୟୁରେ ମଧ ପ୍ରବାସରେ ଥିବା ପିଲାଟି ବ୍ୟସ୍ତ ହେଉନି । ଏଥିପାଇଁ ଦାୟୀ କିଏ ?

*ମରିଚପୁର, ବାଲିକୁଦା, ଜଗତସିଂହପୁର : ୯୧୭୮୨୧୩୭୯୧*

# ପ୍ରିମାଚ୍ୟୁର ଶିଶୁଙ୍କ ଲାଗି କଙ୍ଗାରୁ ମଦର କେୟାର

◆ ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

*ଖାଲି ମା'କ୍ଷୀର ନୁହେଁ, ମା' କୋଳର ଉଷ୍ମତା ହିଁ ନବଜାତ ଶିଶୁର ରକ୍ଷାକବଚ ହୋଇଥାଏ । ଆଜିକାଲି ଶିଶୁର ଅଧିକ କେୟାର ନେବା ଲାଗି କଙ୍ଗାରୁ ମଦର କେୟାର କିଟ୍ ବ୍ୟବହାର କରିବା ନିମନ୍ତେ ଡାକ୍ତର ପରାମର୍ଶ ଦେଉଛନ୍ତି । ବିଶେଷକରି ଯେଉଁ ଶିଶୁ ନିର୍ଦ୍ଧାରିତ ତାରିଖ ପୂର୍ବରୁ ଜନ୍ମ ନେଉଛନ୍ତି ବା ପ୍ରିମାଚ୍ୟୁର ଶିଶୁଙ୍କ ପାଇଁ ମଧ ଏହା ଖୁବ୍ ଲାଭଦାୟକ । ଯେହେତୁ ଶିଶୁଟି ସମୟ ପୂର୍ବରୁ ଜନ୍ମ ହୋଇଥାଏ ତ ମା'କୋଳର ଉଷ୍ମତା ତା ପାଇଁ ନିହାତି ଜରୁରୀ ।*




*କଙ୍ଗାରୁ ମଦର କେୟାର କ'ଣ ?* : ଏହା ଏଭଳି ଏକ କିଟ୍ ଯାହା ଶିଶୁ ଗର୍ଭରେ ଥିବାବେଳେ ଯେଉଁ ଉଷ୍ମତା ଅନୁଭବ କରିଥାଏ ଏହି କିଟ୍ ମଧରେ ସେହିଭଳି ଅନୁଭବ ସେ କରେ । କଙ୍ଗାରୁ ମଦର କେୟାର କିଟ୍ ଭିତରେ ରଖିବା ସମୟରେ ଶିଶୁକୁ କେବଳ ଡ୍ରାଇପର ପିନ୍ଧାଯାଇଥାଏ । ମା' ମଧ ଏମିତି କିଛି ପୋଷାକ ପିନ୍ଧିବା ଉଚିତ ଯାହାର ଆଗ ପାଖ ଖୋଲା ରହିଥାଏ । ଏହାଦ୍ୱାରା ମା'ର ଛାତିର ସ୍ପନ୍ଦନ ଓ ଶିଶୁକୁ ଉଷ୍ମତା ପ୍ରଦାନ କରିଥାଏ, ଫଳରେ ନବଜାତ ଶିଶୁକୁ ବହୁ ରୋଗରୁ ରକ୍ଷା ମିଳିଥାଏ । ସେ ମା' କୋଳରେ ସୁରକ୍ଷିତ ରହିଥାଏ ।

*ମଦର କେୟାର* : ହସ୍ପିଟାଲରେ ଥିବା ପିଲାଙ୍କ ଯତ୍ନ ନେବା ପାଇଁ କଙ୍ଗାରୁ ମଦର କେୟାର ଖୁବ୍ ଲାଭଦାୟକ । ମା'ବାହାରକୁ ଯିବା ସମୟରେ ମଧ ଶିଶୁକୁ ନିଜ ସହିତ ଆରାମରେ ଏଥିରେ ପୂରାଇ ନେଇପାରିବେ ।

*ଶିଶୁ ପାଇଁ ଜରୁରୀ ମା'ଶରୀର ଉଷ୍ମତା* : ହସ୍ପିଟାଲରେ ବା ବାହାରକୁ ଯିବା ସମୟରେ ଶିଶୁଙ୍କୁ ନିଜ କୋଳରେ ଚାପି ଧରିବା ପାଇଁ କଙ୍ଗାରୁ ବ୍ୟାଗ ବ୍ୟବହାର କରିବାକୁ ଏକ୍ସପର୍ଟ ମଧ ଆଡ଼ଭାଇସ କରନ୍ତି ।

*ଇମ୍ୟୁନି ସିଷ୍ଟମ ମଜଭୁତ କରେ* : ଏଥିରେ ଶିଶୁ ଶରୀରକୁ ଉଷ୍ମତା ମିଳିବା ସହିତ ଶରୀରର ତାପମାତ୍ରାକୁ ମଧ ସ୍ଥିର ରଖିଥାଏ । ଏଥିସହିତ ଶିଶୁର ଇମ୍ୟୁନି ସିଷ୍ଟମ ମଧ ଠିକ୍ ରହିଥାଏ ।

*ଥଣ୍ଡାରେ ଲାଭଦାୟକ* : ଶୀତରେ ପିଲାର ସ୍ୱତନ୍ତ୍ର ଦେଖାରଖା କରିବା ପାଇଁ କଙ୍ଗାରୁ ମଦର କେୟାରର ସାହାରା ନିଆଯାଇପାରେ । ଏହା ପିଲାକୁ ଥଣ୍ଡାରୁ ରକ୍ଷା କରିବା ସହିତ ଅନ୍ୟ ରୋଗରୁ ମଧ ଦୂରେଇ ରଖିପାରିବ । ଏଥିରେ ଇନ୍ଫେକଶନର ଭୟ ମଧ ଖୁବ୍ କମ ଥାଏ ।

*ଜ୍ୱର ଦୂର କରେ* : ଯେତେବେଳେ ନବଜାତ ଶିଶୁକୁ ଥଣ୍ଡା ଓ ଜ୍ୱର ହୋଇଥାଏ ଏହି ସମୟରେ କଙ୍ଗାରୁ ମଦର କେୟାର ଟ୍ରିଟମେ□ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ରିସର୍ଚ୍ଚ ଅନୁସାରେ ପୃଥିବୀରେ ପ୍ରତି ବର୍ଷ ଦୁଇ କୋଟି ପିଲା କମ ଓଜନ ହୋଇ ଜନ୍ମ ନେଉଛନ୍ତି, ଯେଉଁଥିପାଇଁ ଅଧାରୁ ଅଧିକ ପିଲାଙ୍କ ମୃତ୍ୟୁ ହୋଇଯାଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ ସହଜ ଓ କମ ଖର୍ଚ୍ଚରେ ଉପଲବ୍ଧ ହେଉ ଥିବା ଟେକନିକ୍ ହେଉଛି କଙ୍ଗାରୁ ମଦର କେୟାର । ସରକାରୀ ବ୍ୟବସ୍ଥାରେ ଶିଶୁ ସ୍ୱାସ୍ଥ୍ୟ ପାଇଁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ସମସ୍ତ ସରକାରୀ ଡାକ୍ତରଖାନାରେ ମଧ ବିଶେଷ ଭାବେ ଏହି ପିଲାମାନଙ୍କ ପାଇଁ ସମସ୍ତ ପ୍ରକାର ମାଗଣା ପରୀକ୍ଷା ଅଭିଜ୍ଞ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ବିନା ମୂଲ୍ୟରେ ଔଷଧ ପ୍ରଦାନ କରାଯାଉଛି । ଏହାର ସୁଯୋଗ ସମସ୍ତେ ନେବା ଜରୁରୀ । ଗୋଟିଏ କଥାରେ ସତର୍କତା ଜରୁରୀ ଯେ ଏ କ୍ଷେତ୍ରରେ ଦେଶୀୟ ଚିକିତ୍ସାକୁ ଆଦୌ ଗୁରୁତ୍ୱ ଦିଅନ୍ତୁ ନାହିଁ ।

***ସହଯୋଗୀ ପ୍ରଫେସର, ଶିଶୁରୋଗ ବିଶେଷଜ୍ଞ, ଶିଶୁଭବନ, କଟକ, ଦୂରଭାଷ : ୯୪୩୭୧୨୪୦୭୪***



# ଆସାମର ସେମିକଣ୍ଡକ୍ଟର ପ୍ଲାଂଟ: ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି

ଭୁବନେଶ୍ୱର: ସେମିକଣ୍ଡକ୍ଟର ଶିଳ୍ପରେ ଭାରତର ଉଚ୍ଚାକାଂକ୍ଷୀ ଅଗ୍ରଗତିର ସର୍ବୋତମ ଉଦାହରଣ ହେଉଛି ଟାଟା ସେମିକଣ୍ଡକ୍ଟର ଆସେମ୍ବଲିଂ ଏବଂ ଟେଷ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଟିଏସଏଟି) ନେତୃତ୍ୱରେ ଆସାମର ମୋରିଗାଓଁରେ ଏକ ସେମିକଣ୍ଡକ୍ଟର ୟୁନିଟ୍ ର ବିକାଶ । ଦେଶର ଅନ୍ୟତମ ପ୍ରମୁଖ ଉତ୍ପାଦନସ୍ଥଳୀରେ ପରିଣତ ହେବାକୁ ଥିବା ଏହି ପ୍ରକଳ୍ପ ଏକ ଆତ୍ମନିର୍ଭରଶୀଳ ସେମିକଣ୍ଡକ୍ଟର ଇକୋସିଷ୍ଟମ ପ୍ରତିଷ୍ଠା ପାଇଁ ଦେଶର ବ୍ୟାପକ ଲକ୍ଷ୍ୟର ଅନୁରୂପ ଅଟେ । ୨୭,୦୦୦ କୋଟି ଟଙ୍କା ବିନିଯୋଗରେ ମୋରିଗାଓଁ କାରଖାନାରେ ଫ୍ଲିପ୍ ଚିପ୍‌ଏବଂ ଇଂଟିଗ୍ରେଟେଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ (ଆଇଏସ୍‌ଆଇପି) ଭଳି ଉନ୍ନତ ପ୍ୟାକେଜିଂ ଜ୍ଞାନକୌଶଳ ବ୍ୟବହାର କରି ଦୈନିକ ୪୮ ନିୟୁତ ସେମିକଣ୍ଡକ୍ଟର ଚିପ୍ ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ଅଟୋମୋଟିଭ୍, ଇଲେକ୍ଟ୍ରିକ୍ ଯାନ, ଟେଲିକମ୍ୟୁନିକେସନ୍ ଏବଂ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଭଳି ଅତ୍ୟାବଶ୍ୟକ କ୍ଷେତ୍ରକୁ ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବାଏହି କାରଖାନା ୨୦୨୫ ମଧ୍ୟଭାଗ ସୁଦ୍ଧା ଶେଷ ହେବ ବୋଲି ଆକଳନ କରାଯାଇଛି । ମୋରିଗାଓଁ ୟୁନିଟ୍ ବୈଷୟିକ ବିକାଶ ଠାରୁ ଆଗକୁ ଯାଇ୧୫,୦୦୦ ପ୍ରତ୍ୟକ୍ଷ ଏବଂ ୧୧,୦୦୦-୧୩,୦୦୦ ପରୋକ୍ଷ ନିଯୁକ୍ତି ସୃଷ୍ଟି କରି ଉଲ୍ଲେଖନୀୟ ସାମାଜିକ-ଅର୍ଥନୈତିକଲାଭ ଆଣିଥାଏ, ଯାହା ଆସାମ ଏବଂ ଆଖପାଖ ଅଂଚଳରେ ଆଂଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ଯୋଗଦାନ କରିଥାଏ । ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଉତ୍ପାଦନ ସ୍ଥଳ ଭାବରେ, ଏହି କାରଖାନାର ଦୈନିକ ଉତ୍ପାଦନ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରକୁ ସେବା ଯୋଗାଇବ ଏବଂ ଭାରତକୁ ବିଶ୍ୱ ସେମିକଣ୍ଡକ୍ଟର ଯୋଗାଣ ଶୃଙ୍ଖଳାରେ ଏକ ପ୍ରତିଯୋଗିତା ମୂଳକ ଶକ୍ତି ଭାବରେ ଅବସ୍ଥାପିତ କରିବ । ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ : ଆତ୍ମନିର୍ଭର ସେମିକଣ୍ଡକ୍ଟର ଶିଳ୍ପକୁ ପ୍ରୋତ୍ସାହିତ କରିବା ଶିଳ୍ପ ଆକଳନ ଅନୁଯାୟୀ ୨୦୨୩ରେ ଭାରତୀୟ ସେମିକଣ୍ଡକ୍ଟର ବଜାର ପ୍ରାୟ ୩୮ ବିଲିୟନ ଡଲାର ହେବ ଏବଂ ୨୦୩୦ ସୁଦ୍ଧା ଅଭିବୃଦ୍ଧି ୧୦୯ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । ଏହି ଦ୍ରୁତ ସମ୍ପ୍ରସାରଣକୁ ସମର୍ଥନ କରିବା ଏବଂ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଭାରତ ସରକାର ଘରୋଇ ସେମିକଣ୍ଡକ୍ଟର ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଅନେକ ପଦକ୍ଷେପ କାର୍ଯ୍ୟକାରୀ କରିଛନ୍ତି । ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ (ଆଇଏସଏମ)ର ଲକ୍ଷ୍ୟ ହେଉଛି ଏକ ସ୍ଥାୟୀ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ଇକୋସିଷ୍ଟମ ନିର୍ମାଣ କରିବା ଯାହା ଭାରତକୁ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ଡିଜାଇନରେ ଅଗ୍ରଣୀ ଭାବରେ ଅବସ୍ଥାପିତ କରିବ । ଆନ୍ତର୍ଜାତିକ ସେମିକଣ୍ଡକ୍ଟର ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ଆଇଏସଏମ ସରକାରୀ ମନ୍ତ୍ରଣାଳୟ, ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସମ୍ବଳର ଦକ୍ଷ ନିୟୋଜନ ଏବଂ ସମର୍ଥନ ସୁନିଶ୍ଚିତ କରିବା ପାଇଁ ପ୍ରୟାସକୁ ସମନ୍ୱିତ କରେ । ୨୦୨୧ରେ ୭୬,୦୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟ ଅଟକଳରେ ଆରମ୍ଭ ହୋଇଥିବା ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମପ୍ରୋତ୍ସାହନ ଏବଂ ରଣନୈତିକ ଭାଗିଦାରୀ ମାଧ୍ୟମରେ ଘରୋଇ ସେମିକଣ୍ଡକ୍ଟର ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଗଠନ କରାଯାଇଛି । ଏହି ପଦକ୍ଷେପ ସେମିକଣ୍ଡକ୍ଟର ଶିଳ୍ପର ବିଭିନ୍ନ କ୍ଷେତ୍ରକୁ ସମର୍ଥନ କରେ, ଯାହା ନିର୍ମାଣ ସୁବିଧା (ଫ୍ୟାବ୍) ଠାରୁ ଆରମ୍ଭ କରି ପ୍ୟାକେଜିଂ, ଡିସପ୍ଲେ ଓୟାର, ଆଉଟସୋର୍ସଡ୍ ସେମିକଣ୍ଡକ୍ଟର ଆସେମ୍ବ୍ଲି ଆଣ୍ଡ ଟେଷ୍ଟିଂ (ଓଏସଏଟି), ସେନ୍ସର ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ଇକୋସିଷ୍ଟମ ସୃଷ୍ଟି କରେ । ଏହି କାର୍ଯ୍ୟକ୍ରମ ଅଧୀନରେ ଭାରତରେ ସେମିକଣ୍ଡକ୍ଟର ଫ୍ୟାବ୍ ସ୍ଥାପନ ପାଇଁ ସଂଶୋଧିତ ଯୋଜନା, ଭାରତରେ ଡିସପ୍ଲେ ଫ୍ୟାବ୍ ସ୍ଥାପନ ପାଇଁ ସଂଶୋଧିତ ଯୋଜନା, କମ୍ପାଉଣ୍ଡ ସେମି କଣ୍ଡକ୍ଟର/ ସିଲିକନ ଫୋଟୋନିକ୍ସ / ସେନ୍ସର ଫ୍ୟାବ୍ / ଡିସକ୍ରିଟ ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ସେମିକଣ୍ଡକ୍ଟର ଏଟିଏମପି / ଓଏସଏଟି ସୁବିଧା ଏବଂ ଡିଜାଇନ ଲିଙ୍କଡ ପ୍ରୋତ୍ସାହନ (ଡିଏଲଆଇ) ଯୋଜନା ସ୍ଥାପନ ପାଇଁ ସଂଶୋଧିତ ଯୋଜନା ନାମରେ ୪ଟି ଯୋଜନା ଆରମ୍ଭ କରାଯାଇଛି । ମୋରିଗାଓଁ ସେମିକଣ୍ଡକ୍ଟର ପ୍ଲାଂଟ ଭାରତର ସେମିକଣ୍ଡକ୍ଟର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସରକାରଙ୍କ ସମର୍ଥିତ ପ୍ରକଳ୍ପର ଏକ ବ୍ୟାପକ ନେଟୱାର୍କର ଗୋଟିଏ ଅଂଶ । ଗୁଜରାଟର ଧୋଲେରାରେ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଗୁଜରାଟର ସାନନ୍ଦରେ ସିଜି ପାୱାର ଦ୍ୱାରା ନୂତନ ସୁବିଧା ସମେତ ସମଗ୍ର ଦେଶରେ ଏକାଧିକ ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠାକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଛି । ଏହାବ୍ୟତୀତ କାଏନ୍ସ ସେମିକନ୍ ପ୍ରାଇଭେଟ୍ ଲିମିଟେଡ୍ କୁ ମଧ୍ୟ ସାନନ୍ଦରେ ଏକ ୟୁନିଟ୍ ସ୍ଥାପନ କରିବାକୁ ଅନୁମୋଦନ ମିଳିଛି । ଏହି ସମ୍ପ୍ରସାରଣ ସେମିକଣ୍ଡକ୍ଟର ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଏହାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ସୂଚିତ କରେ । ମୋହାଲିର ସେମି-କଣ୍ଡକ୍ଟର ଲାବୋରେଟୋରିର ଆଧୁନିକୀକରଣ ଏବଂ ଇଲେକ୍ଟ୍ରୋନିକ୍ କମ୍ପୋନେଂଟସ୍ ଆଣ୍ଡ ସେମିକଣ୍ଡକ୍ଟର (ଏସପିଇସିଏସ୍)ର ଉତ୍ପାଦନ ପ୍ରୋତ୍ସାହନ ଯୋଜନା ଏବଂ ବଡ଼ ଧରଣର ଇଲେକ୍ଟ୍ରୋନିକ୍ସ ପାଇଁ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନା କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି । ଏହି ପ୍ରୟାସଗୁଡ଼ିକ ସେମିକଣ୍ଡକ୍ଟର ଉତ୍ପାଦନର ପ୍ରତ୍ୟେକ ବିଭାଗ ପାଇଁ ସମର୍ଥନ ସୁନିଶ୍ଚିତ କରେ, ଏକ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରେ ଯାହା ଚିପ୍ ଡିଜାଇନ୍, ନିର୍ମାଣ, ପରୀକ୍ଷଣ ଏବଂ ଏକତ୍ରୀକରଣ (ଆସେମ୍ବଲିଂ) କୁ ଅନ୍ତର୍ଭୁକ୍ତ କରେ । ଆସାମର ମୋରିଗାଓଁରେ ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ଭାରତର ସେମିକଣ୍ଡକ୍ଟର ଆକାଂକ୍ଷା ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଅନୁମୋଦିତ ଏହି ପ୍ରକଳ୍ପ ଭାରତର ବୈଷୟିକ ଭିତିଭୂମିକୁ ସୁଦୃଢ଼ କରିବା ସହ ଅର୍ଥନୈତିକ ସ୍ଥିରତା ଏବଂ ଆତ୍ମନିର୍ଭରଶୀଳତା ପାଇଁ ଦେଶର ଦୃଷ୍ଟିକୋଣକୁ ସମର୍ଥନ କରୁଛି । ସମଗ୍ର ବିଶ୍ୱରେ ସେମିକଣ୍ଡକ୍ଟରର ଚାହିଦା ବୃଦ୍ଧି ପାଉଥିବା ବେଳେ ଭାରତର ବୃଦ୍ଧି ପାଉଥିବା ସେମିକଣ୍ଡକ୍ଟର ଭିତିଭୂମି ନବସୃଜନକୁ ପ୍ରୋତ୍ସାହିତ କରିବ, ନିଯୁକ୍ତି ସୃଷ୍ଟି କରିବ ଏବଂ ବିଶ୍ୱ ଡିଜିଟାଲ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବରେ ଦେଶର ସ୍ଥାନ ସୁରକ୍ଷିତ କରିବ ।

# ସଙ୍ଗୀତଧାରା ଭକ୍ତିସଙ୍ଗୀତ ପ୍ରତିଯୋଗିତା



ନୟାଗଡ଼(ନିପ୍ର): ସଙ୍ଗୀତଧାରା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଥମ ପର୍ଯ୍ୟାୟ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ସାମନ୍ତ ଚନ୍ଦ୍ରଶେଖର ଶିକ୍ଷାକେନ୍ଦ୍ର, ଖଣ୍ଡପଡ଼ା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଅନୁଷ୍ଠାନର ସଭାପତି ଡ. ବିଜୟ କୁମାର ଚୌଧୁରୀ ଏବଂ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଏହି ପ୍ରତିଯୋଗିତାରେ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସଂଗୀତାନୁଷ୍ଠାନ ମାନଙ୍କରୁ ୧୪ ରୁ ୨୪ବର୍ଷ ବୟସର କଣ୍ଠଶିଳ୍ପୀ ମାନେ ଅଂଶ ଗ୍ରହଣ କରିଥିଲେ । ସଙ୍ଗୀତ ପ୍ରତିଯୋଗିତାରେ ବିଚାରକ ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଦାଶ, ଗୁରୁ ପ୍ରଭାତ ଦାଶ ଏବଂ କଣ୍ଠଶିଳ୍ପୀ ଅଧ୍ୟାପକ ଡ. ଆଶୁତୋଷ ମିଶ୍ର ପ୍ରମୁଖ ଯୋଗଦାନ କରି ଶ୍ରେଷ୍ଠ କଣ୍ଠଶିଳ୍ପୀ ମାନଙ୍କୁ ସେମି ଫାଇନାଲ ପର୍ଯ୍ୟାୟ ପାଇଁ ଚୟନ କରିଥିଲେ । ସଙ୍ଗୀତଧାରା ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ ଏବଂ ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ କଣ୍ଠଶିଳ୍ପୀ ଅଦିତି ତ୍ରିପାଠୀ, ସ୍ୱୟଂମ୍ ଶ୍ରୀ ନନ୍ଦ, ପ୍ରଦ୍ୟୁମ୍ନ ରଞ୍ଜନ ସାହୁ, ବର୍ଷାରାଣୀ ପ୍ରଧାନ ପ୍ରମୁଖ ସେମି ଫାଇନାଲ ପର୍ଯ୍ୟାୟକୁ ଉତୀର୍ଣ୍ଣ ହୋଇଥଲେ । ସୂଚନା ଯୋଗ୍ୟଯେ ଜିଲ୍ଲାର ସମସ୍ତ ୮ଟି ବ୍ଲକରେ କଣ୍ଠଶିଳ୍ପୀ ମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଅଛି । ଏଥିରୁ ମନୋନୀତ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ଼ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ କ୍ରମାନ୍ୱୟେ ୫ ହଜାର ଏବଂ ୩ ହଜାର ଅର୍ଥରାଶି ପୁରସ୍କାର ସହିତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

# ଘଟଣାକୁ ନେଇ ପ୍ରେସ ମିଟ୍ ଦେଲେ ଆଦିବାସୀ ସଙ୍ଘ ନେତା ବସନ୍ତ ଉଲ୍ଲାକା



ରାୟଗଡ଼ା(ନିପ୍ର): ୧୬ ତାରିଖର ଆକ୍ରମଣ ଘଟଣାକୁ ନେଇ ନିଜ କାର୍ଯ୍ୟଳୟରେ ପ୍ରେସ ମିଟ ଦେଲେ ରାୟଗଡ଼ା ବିଜେପି ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା । ଶ୍ରୀ ଉଲ୍ଲାକାଙ୍କ ସୂଚନା ଅନୁସାରେ ଗତକାଲି ସଂଧ୍ୟା ପ୍ରାୟ ୭.୩୦ ସମୟରେ ସେ ନିଜ ବ୍ୟକ୍ତିଗତ କାର୍ଯ୍ୟାଳୟ ରେ କାର୍ଯ୍ୟକର୍ତା ଙ୍କ ସହ ବସି ଆଲୋଚନା କରୁଥିଲେ । ସେ ସମୟରେ ହଠାତ ୬ ରୁ ୮ ଦୁର୍ବୃର୍ତ ଧାରୁଆ ଅସ୍ତ୍ର ଧରି ମରଣାତ୍ମକ ଆକ୍ରମଣ କରିଥିଲେ । କାର୍ଯ୍ୟାଳୟର ଦୁଇ ଗୋଟି କବାଟ ହାଣି ଦେଇଥିଲେ । ଏସବୁ ଶବ୍ଦ ଶୁଣି ଯେତେବେଳେ ଲୋକ କାର୍ଯ୍ୟାଳୟ ବାହାରକୁ ବହାରିଥିଲେ ଏହା ଦେଖି ଦୁର୍ବୃର୍ତ ମାନେ ଦୌଡି ଚାଲିଯାଇଥିଲେ । ଏସବୁ ଦୃଶ୍ୟ ତାଙ୍କ ସାମ୍ନାରେ ହୋଇଥିବା କହିଛନ୍ତି । ତେବେ ସେ ସନ୍ଦେହ କରିଛନ୍ତି ଯେ ୧୪ ବର୍ଷ ତଳେ ଭାଗିରଥି ମାଣ୍ଡାଙ୍ଗି ହତ୍ୟା କେସ ରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ଭାସ୍କର ରାଓଙ୍କ ସମେତ ୬ ଜଣଙ୍କ ନାଁରେ ମାନ୍ୟବର ଅଦାଲତ ଗିରଫ ବିହୀନ ପରୱାନା ଜାରି କରିଥିଲେ । ଏହି କେସକୁ ଆଦିବାସୀ ସଙ୍ଘ ନେତା ତଥା ବିଜେପି ବିଧାୟକ ପାର୍ଥି ବସନ୍ତ ଉଲ୍ଲାକା ନେତୃତ୍ୱ ନେଇଥିଲେ ଯେହେତୁ ବସନ୍ତ ଭାଗିରଥି ହତ୍ୟା କେସର ଜଣେ ମୁଖ୍ୟ ସାକ୍ଷୀ ତେଣୁ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହ ବ୍ୟକ୍ତିଗତ କାର୍ଯ୍ୟାଳୟକୁ ଭଙ୍ଗା ରୁଜା କରିଥିଲେ । ତେବେ ତାଙ୍କୁ ପୋଲିସ ସୁରକ୍ଷା ଦେବା ସହ ଏହି ଷଡଯନ୍ତ୍ରର ପ୍ରଚ୍ଛଦପଟ ରେ ଥିବା ବ୍ୟକ୍ତିଙ୍କ ସହ ଆକ୍ରମଣ କାରିଙ୍କୁ ତୁରନ୍ତ ଗିରଫ କରିବା ସହ ଏହି ଷଡଯନ୍ତ୍ରର ରହସ୍ୟ ଉନ୍ମଚନ କରିବା ପାଇଁ ଆରକ୍ଷୀ ଅଧିକ୍ଷକାଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଏହି ପ୍ରେସ ମିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୪ ଉଦ୍‌ଯାପିତ

ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଠାରେ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩୨ତମ ରାଜ୍ୟସ୍ତରୀୟ କୁମାର ସ୍ୱାମୀ ମହୋତ୍ସବ ତଥା ଗୋସିଙ୍ଗ ଦୈତ୍ୟ ଦରବାରର ଉଦଯାପନୀ ସମାରୋହ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡ଼ାମାଝୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ରାଜଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ସମ୍ମାନିତ ରାଜଅତିଥି ଭାବେ ବିଶିଷ୍ଟ ସଂସ୍କୃତି ସଂଗଠକ ଜୟନ୍ତ ବେହେରା ମଂଚାସୀନ ଥିଲେ । ଯୁବ ସାହିତ୍ୟିକ ଡିଲେଶ୍ୱର ରଣା ମଂଚ ପରିଚାଳନା କରିଥିବା ବେଳେ ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସକିତ




ରତେଙ୍କୁ ଦେବଗିରି ସମ୍ମାନ, ରଜତ ବଂଶଲଙ୍କୁ ଦେବଗିରି ଯୁବ ସମ୍ମାନ, ସୁଧୀର ମେହେରଙ୍କୁ ଦେବଗିରି ସାହିତ୍ୟ ସମ୍ମାନ, ଭୀମସେନ ସାହୁଙ୍କୁ ଦେବଗିରି ନାଟ୍ୟ ସମ୍ମାନ, ସନ୍ତୋଷ ସିଂହ ଦେଓଙ୍କୁ ଦେବଗିରି ସାମ୍ବାଦିକତା ସମ୍ମାନ, ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ଦେବଗିରି ଗୁରୁ ସମ୍ମାନ, ଧାନାନନ୍ଦ ପଣ୍ଡାଙ୍କୁ ଦେବଗିରି ଲୋକନୃତ୍ୟ ସମ୍ମାନ, ମଧୁସୂଦନ ପ୍ରଧାନଙ୍କୁ ଦେବଗିରି ଶିକ୍ଷା ସମ୍ମାନ, ଦୁଷ୍ମନ୍ତ ମହଲାଙ୍କୁ ଦେବଗିରି ଦେଶସେବା ସମ୍ମାନ, ବାଳକୃଷ୍ଣ ନାଏକଙ୍କୁ ଦେବଗିରି ବାର୍ତା ସମ୍ମାନ, ତପନ ଗଉଡ଼ଙ୍କୁ ଦେବଗିରି ପ୍ରତିଭା ସମ୍ମାନ, ହରେକୃଷ୍ଣ ସାହୁଙ୍କୁ ଦେବଗିରି ସେବା ସମ୍ମାନ ଏବଂ ସାଉଲ ମଙ୍ଗରାଜଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିପରି ସ୍ୱାବଲମ୍ବନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଦଣ୍ଡପାଟ ଉତ୍ପାଦକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସାନ୍ଧ୍ୟ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଅନେକ କବି ସ୍ୱରଚିତ କବିତା ପାଠ କରିଥିବା ବେଳେ କବି ଅନୀଲ କୁମାର ସାହୁ ସଂଯୋଜନା କରିଥିଲେ । ଏହି ଅବସରରେ ଘୁମୁରା, ବନାବାଡ଼ି ଖେଳ ସମେତ ରାୟଗଡ଼ା, ସମ୍ବଲପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲ୍ଲାର ଅନେକ କଳାକାର ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନୃତ୍ୟ ଆସରର ସଂଯୋଜନା କରିଥିଲେ ପଶ୍ଚିମ ଓଡ଼ିଶାର ବିଖ୍ୟାତ ମଂଚ ପରିଚାଳକ ସୁଧୀର ନାଏକ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସଭାବନା ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି. ସମାରୋହରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା, ମୁଖ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ. ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ ଓ ବରିଷ୍ଠ ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଯୋଗ ଦେଇ ଗଣ ମାଧ୍ୟମରେ ଭୂମିକା ଏବଂ ସ୍ଥିତି ବାବଦରେ ଆଲୋଚନା କରିଥିଲେ । ଚଳିତ ବର୍ଷ ପାଇଁ ପ୍ରେସ କାଉନ୍ସିଲ ଅଫ ଇଣ୍ଡିଆ ପକ୍ଷରୁ



ଗଣମାଧ୍ୟମର ପରିବର୍ତିତ ସ୍ୱରୁପ ବିଷୟବସ୍ତୁ ଉପରେ ସାମ୍ପ୍ରତିକ ଡିଜିଟାଲ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଉପ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ଗଣମାଧ୍ୟମ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ. ଏହି ଅବସରରେ ସାମ୍ବାଦିକ ବନ୍ଧୁ ମାନଙ୍କ ମଧ୍ୟରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ତାଳଚେର(ନିପ୍ର): ତାଳଚେର ୱାର୍କିଂ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ପକ୍ଷରୁ ତାଳଚେର ଲିଙ୍ଗରାଜ ରୋଡ଼ର ସେ ?ଭାଗ୍ୟମଣ୍ଡପ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ସାମ୍ବାଦିକ ଭବାନୀ ମହାପାତ୍ର, ସାନମାନିତ ଅତିଥି ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତି, ସମାଜସେବୀ ରିତା ପାତ୍ର, ସରଣାରବିନ୍ଦ ଓଝା ଯୋଗ ଦେଇଥିଲେ । ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ସ୍ୱାଗତ ସଙ୍ଗୀତ ଗାନ କରାଯାଇ କାର୍ଯ୍ୟକ୍ରମକୁ ଆରମ୍ଭ କରାଯାଇ ଥିଲା । ଧିର ମୋହନ ରାୟ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସମାଜସେବୀ ରୀତା ପାତ୍ର ତାଙ୍କ ବକ୍ତବ୍ୟରେ ନାରୀ ଶକ୍ତି ଉପରେ ଉପସ୍ଥାପନା କରିଥିବା ବେଳେ କଥାକାର ସରଣାବିନ୍ଦ ଓଝା କହିଥିଲେ ଯେ, ଶବ୍ଦ ବିନା ସାମ୍ବାଦିକ ହୋଇ ପାରିବ ନାହିଁ ବୋଲି ଉଦାହରଣ ଦେଇ ବୁଝାଇଥିଲେ । ସେହିଭଳି ପାଲଲହଡା ବିଧାୟକ ଶ୍ରୀ ମହାନ୍ତି ତାଙ୍କ ବକ୍ତବ୍ୟ କହିଥିଲେ ଯେ, ସମସ୍ତଙ୍କର କହିବାର ଅଧିକାର ଅଛି ସମସ୍ତଙ୍କର ଲେଖିବାର ଅଧିକାର ଅଛି । ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ସାମ୍ବାଦିକଙ୍କୁ ଗୁରୁତ୍ୱ ଭୂମିକା ରହିଛି ବୋଲି କହିଥିଲେ । ସେହିଭଳି ମୁଖ୍ୟ ବକ୍ତା ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମ୍ବାଦ ପରିବେଷଣ ହେବା ପୂର୍ବରୁ ପୂର୍ବ ପ୍ରସ୍ତୁତି ହେବା ଦରକାର । ମେକ ଅପ ନେଇକି ସୌନ୍ଦର୍ଯ୍ୟ ହୋଇପାରିବ କିନ୍ତୁ ଶବ୍ଦ ବିନା ଖବର ସଂଗ୍ରହ କରିବା ସମ୍ଭବ ନୁହଁ । ଲୋକଙ୍କ ପାଖରେ କେତେ ବିଶ୍ୱାସନୀୟ ହେବେ ସାମ୍ବାଦିକ ଖବର ପରିବେଷଣ ହିଁ ପରିଚୟ




ସୃଷ୍ଟି କରିଥାଏ । ଏଥି ସହିତ ଖବର ସଂଗ୍ରହ ବେଳେ ବିନା ପ୍ରସ୍ତୁତିରେ ଖବର ସଂଗ୍ରହ କରନ୍ତୁ ନାହିଁ ବା ବିନା ପଢାରେ ଜଣେ ସଫଳ ସାମ୍ବାଦିକ ହୋଇ ପାରିବ ନାହିଁ କି ଜଣେ ସଫଳତା ସାମ୍ବାଦିକ ହୋଇପାରିବ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ପରିଶେଷରେ ମୁଖ୍ୟ ଅତିଥି ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ କହିଲେ କି ଗଣମାଧ୍ୟମ ହେଉଛି ଜନ ସାଧାରଣଙ୍କ ଚକ୍ଷୁ ସଦୃଶ । ସାମ୍ବାଦିକ ଚାହିଁଲେ ସବୁକିଛି ପରିବର୍ତନ କରି ପାରିବ ବୋଲି କହି ତାଙ୍କ ବକ୍ତବ୍ୟ କହିଥିଲେ । ଆଜିର ଏହିଁ ଅନ୍ତର୍ଜାତୀୟ ପ୍ରେସ ଦିବସ ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାବାନରେ ସଫଳ ହୋଇଥିବା ବ୍ୟକ୍ତିତ୍ୱଙ୍କୁ ସାନମାନିତ କରାଯାଇଛି । ସେଥିମଧ୍ୟରୁ ଖବର ପରିବେଷଣ କ୍ଷେତ୍ରରେ ପ୍ରଦ୍ୟୁମ୍ନ କୁମାର ରାଉତ, ଶିକ୍ଷକ ଦୈତାରୀ ପ୍ରଧାନ, ଡ଼ ସନ୍ତୋଷ କର, ରିତା ପାତ୍ର, ଜେବିଆର ହସ୍ପିଟାଲର ସତ୍ୱାଧିକାରୀ ଭଗବାନ ପ୍ରଧାନ, ପଦ୍ମାବତୀ ମିଶ୍ର, ବିଭୁତି ଭୂଷଣ ସ୍ୱାଇଁ, ସାମ୍ବାଦିକ ଭବାନୀ ଶଙ୍କର ସିଂ ସାମନ୍ତଙ୍କୁ ସମ୍ବିର୍ଦ୍ଧିତି କରାଯାଇ ଥିଲା । ସଂଘର ସଭାପତି ଶୟଦ୍ ଯୁଲ୍ଫିକର ହୁସେନ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ସଂଘର ଉପସଭାପତି ମଦନ ମୋହନ ସାହୁ, କୋଷାଧ୍ୟକ୍ଷ ବାପୁଜୀ ସାମଲ, କାର୍ଯକାରୀ ସଭାପତି ବିକାଶ ଚନ୍ଦ୍ର ସାହୁ, ସଦସ୍ୟ ଦୁର୍ଗା ପ୍ରସାଦ ସ୍ୱାଇଁ, ମନିଲ ମହାରଣା, ସୌମିତ୍ର ସେନାପତି, ରାଉତରାୟ ନାଏକ, ମଂଟୁ ମହାନ୍ତି, ଶିଶିର ସାମଲ, ନିରଞ୍ଜନ ସାମଲ, ନରୋତମ ସାହୁ, ରୁଦ୍ର ମୋହନ ଗଡ଼ନାୟକ, ଅଜୟ ନାୟକ, ରବୀନ୍ଦ୍ର ମହାରଣା, ବିପିନ ବିହାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅକୁଣ୍ଠ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସମାଜ ସେବୀ, ସାମ୍ବାଦିକ, ମହିଳା ସଂଗଠନ, ଶ୍ରମିକ ସଂଗଠନର ନେତୃବୃନ୍ଦ ଉପାସ୍ଥିତ ଥିଲେ । ଏଥି ସହିତ କାର୍ଯ୍ୟାରମ୍ଭ ପୂର୍ବରୁ କବିତା ଆସର ହେବା ସହିତ ସ୍ଥାନୀୟ କୁନି କଳାକାରଙ୍କୁ ନେଇ ସାଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା ।





# ଭଦ୍ରକ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ଭଦ୍ରକ, (ନି.ପ୍ର) ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ପାଳିତ ହୋଇ ଆସୁଥିବା ଜାତୀୟ ପ୍ରେସ ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନିକଟ ଅତୀତରେ ଭଦ୍ରକ ଜିଲ୍ଲାରେ ଘଟିଯାଇଥିବା ବାତ୍ୟା 'ଦାନା' ପରବର୍ତୀ ବନ୍ୟା ଜନିତ ପରିସ୍ଥିତିରେ ସାମ୍ବାଦିକ ମାନେ ପ୍ରଶାସନକୁ ସଚେତନ ଓ ସହଯୋଗ କରିବା ସହିତ ପ୍ରଶାସନର ଅପହଂ ଇଲାକା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଭଳି ସମାଜ କଲ୍ୟାଣ ଆଭିମୁଖ୍ୟ ଅନୁଭବ ଆଧାରିତ ଉଦାହରଣ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ନିର୍ଦ୍ଧାରିତ ଥିବା ବିଷୟ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ପ୍ରକାଶ କରିଥିଲେ କି ସମୟ



ଓ ଜ୍ଞାନ କୌଶଳ ସହିତ ତାଳ ଦେଇ ଗଣ ମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଯେପରି ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛି ଗଣ ମାଧ୍ୟମ ପ୍ରତିନିଧି ମାନେ ମଧ୍ୟ ତାହା ସହ ତାଳଦେଇ ନିଷ୍ଠାର ସହ ସ୍ୱଚ୍ଛତା, ନିରପେକ୍ଷତା ଅବଲମ୍ବନ ପୂର୍ବକ ନିଜର ପେଷାଗତ ଦକ୍ଷତାକୁ ପରିବର୍ତ୍ତନଶୀଳ କରାଇପାରିଲେ ଗଣମାଧ୍ୟମର ମହାନ ଆଭିମୁଖ୍ୟ ସମାଜ ସେବା ଓ ମାନବିକତା ନୀତିର ପ୍ରକୃତ ପ୍ରତିଫଳନ ହୋଇପାରିବ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନନ୍ଦ ଦୁଲାଲ ଦାସ, ରବିନାରାୟଣ ଖୁଣ୍ଟିଆ, ଜ୍ଞାନ ପ୍ରକାଶ ପାଣି, ଶ୍ରୀକାନ୍ତ ତ୍ରିପାଠୀ, ପ୍ରିୟଦର୍ଶନ ବୋଇତି, ଉମାକଲ୍ୟାଣ ମହାପାତ୍ର, ପାର୍ଥ ସାରଥୀ ନାୟକ, ଶିବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ପ୍ରଦତ୍ତ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ଆଲୋଚନା କରି ଗଣ ମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ର ସୁପ୍ରଭାବିତ ପ୍ରତିଛବି ଦେଖିବାକୁ ହେଲେ ସାମ୍ବାଦିକ ବୃତ୍ତିରେ, ମାନସିକତାରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ମଂ ଆହ୍ୱାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ର ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ୍, ପ୍ରଦୀପ କୁମାର ମହାପାତ୍ର, ଅକ୍ଷୟ କୁମାର ବଳ ପ୍ରମୁଖ ମଧ୍ୟ ବକ୍ତବ୍ୟ ଜରିଆରେ ନିଜର ମତାମତ ପ୍ରକାଶ କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ, (ହି.ସ.)- ସଡ଼କକୁ ସୁରକ୍ଷିତ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇପାରିବ । ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ । ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟ କଲେ ସଡକ ସୁରକ୍ଷା ସଫଳ ହେବା ସହ ଅନେକ ଜୀବନ ରକ୍ଷା ହୋଇ ପାରିବ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା । ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା, ଲୋକ ମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ପ୍ରାରମ୍ଭରେ ଆଂଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୨୧୩୨ ବିନା ହେଲମେଟ ଯାଂଚ୍ କରାଯାଇ ୭୫ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତିରେ ଗାଡି ଚାଳନା କ୍ଷେତ୍ରରେ ୪୫୧୭ କେଶ ମଧ୍ୟରୁ ୭୦୧ ଲାଇସେନ୍ସ ସସପେଣ୍ଡ କରାଯାଇଛି । ସିଟବେଲ୍ଟ ଉଲ୍ଲଘଂନ କ୍ଷେତ୍ରରେ ୭୪ ଜଣ,ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୩୪ ଜଣ,ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୧୮୨ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଏହି ସମସ୍ତ ଘଟଣାରେ ମୋଟ ୭୦୫୮ କେଶ ମଧ୍ୟରୁ ୮୪୨ ଜଣଙ୍କ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ୨୦୨୪ ଅକ୍ଟୋବର ମାସ ସୁଦ୍ଧା ୧୨୬୫ ଚାଲାଣ କଟାଯାଇ ୫୨୯ ଫଏସଲା ହୋଇ ୩୨,୦୭,୧୪୨ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୭୩୬ ଟି ପେଣ୍ଡିଙ୍ଗ ରହିଛି ଓ ୮୧ ଜଣଙ୍କ ର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ପରିବହନ ବିଭାଗ ସୂତ୍ରରୁ ପ୍ରକାଶ । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିଡ଼ିଏମଓଙ୍କ ପ୍ରତିନିଧି ଡା. ପବିତ୍ର ମୋହନ ମଲ୍ଲିକ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ରାଜ୍ୟ ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ ମାଲିକ ସଂଘର ରାଜବଲ୍ଲଭ ମିଶ୍ର, ଏଡିଆଇଓ ଦୂର୍ଗା ପ୍ରସାଦ ଜେନା, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ ।ପ୍ରାରମ୍ଭରେ ଜିଲ୍ଲା ପରିବହନ କାର୍ଯ୍ୟାଳୟ ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତଯୋଗ୍ୟ କରିଥିଲେ । ଏମଭିଆଇ ଅମିତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦା ତରଫରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ

ବାରିପଦା (ନି.ପ୍ର.) ବାରିପଦାର ତୁଳସୀଚୌରାସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସରରେ ବିର୍ସାମୁଣ୍ଡା ଜୟନ୍ତୀ ଉପଲକ୍ଷେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦା ତରଫରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦାର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଏବଂ ତାଙ୍କର ସହଯୋଗୀ ତାପସ ରନ ଗିରି, ରାକେଶ କୁମାର ଗିରି, ଦୀପିକା ପାଢୀ ଆଦି ସହଯୋଗ କରିଥିଲେ । ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିବା ବେଳେ ଶିଶୁ ବିକାଶ ବିଦ୍ୟା ମନ୍ଦିରର ଛାତ୍ରୀ ଶୁଭଲକ୍ଷ୍ମୀ ଦାସ, ପ୍ରଥମ, ଅନୁସୟା ବେହେରା, ଦ୍ୱିତୀୟ ଓ ପ୍ରତୀକ କୁମାର ବେହେରା ତୃତୀୟସ୍ଥାନ ଅଧିକାର କରିଥିଲେ । ଦିବ୍ୟଜ୍ୟୋତି ଏଜୁକେସନ ଟ୍ରଷ୍ଟର ସମ୍ପାଦିକା ଅନୀତା ବେହେରା ଶିଶୁ ବିକାଶ ବିଦ୍ୟା ମନ୍ଦିରର ସୁସ୍ମିତା ରାୟ, ପ୍ରିୟା ସାମଲ, ଲିଳିମା ଦାସ ଆଦି ଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ତେଜସ ଏଜୁକେସନାଲ ଟ୍ରଷ୍ଟର ସମ୍ପାଦକ ବିନୟ କୁମାର ମାଣ୍ଡୋଇ ଛାତ୍ରଛାତ୍ରୀମାନଙ୍କୁ ବିର୍ସାମୁଣ୍ଡାଙ୍କ ବିଷୟରେ ଅଭିଭାଷଣ ରଖିଥିବା ବେଳେ ଇସାଫ ସ୍ମଲ ଫାଇନାନ୍ସ ବ୍ୟାଙ୍କ, ବାରିପଦାର ଶାଖା ପରିଚାଳକ ବିଘ୍ନେଶ୍ୱର ରାଉତ ଆଜିର ଶିଶୁ କାଲିର ନାଗରିକ ବୋଲି ଉଦ୍‌ବୋଧନ ଦେଇଥିବା ଏବଂ ଦୀପିକା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ଗଣ୍ଡିବେଡରେ ବୋଇତ ବନ୍ଦାଣ ଉତ୍ସବ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଆ□ଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ ମଦନମୋହନ ମହଲା ସଭାପତିତ୍ୱ କରିଥିଲେ । ସୁନାମଧନ୍ୟ ପ୍ରବଚକ ବିରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି,ପ୍ରାଧ୍ୟାପକ ଡ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା,ଭାଜପା ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଉପସଭାପତି ଅଭିମନ୍ୟୁ ରାଉଳ ମ□ ପରିଚାଳନା କରିଥିଲେ । ଶେଷରେ ଗଣ୍ଡିବେଡ ହାଇସ୍କୁଲରେ ପୁରତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ କୁଇଜ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଭବାନୀ ଶଙ୍କର ସାହୁ,ଜ୍ଞାନରଞ୍ଜନ ବେହେରା,ରଶ୍ମିରଞ୍ଜନ ମଣ୍ଡଳ,ଆଶୁତୋଷ ଦାସ,ସ୍ୱୟଂ ସମୀକ୍ଷା ମହାନ୍ତି,ପ୍ରିତମ ମିଶ୍ର ଓ ରୋହିତ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସୁବାଷ ପ୍ରଧାନ,ପୁରସ୍ତମ ମହାନ୍ତି,ସଦାଶିବ ଆଚାର୍ଯ୍ୟ,ମଧୁସୂଦନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ୟବସାୟୀଙ୍କ ପତ୍ନୀଙ୍କୁ ମଦ୍ୟପଙ୍କ ଦୁର୍ବ୍ୟବହାର

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ବରଦା ବଜାରର ଜଣେ ବ୍ୟବସାୟୀଙ୍କ ପତ୍ନୀଙ୍କୁ ଜଣେ ମଦ୍ୟପ ଦୁର୍ବ୍ୟବହାର କରିବା ଅଭିଯୋଗରେ ସମସ୍ତ ବ୍ୟବସାୟୀ ଶନିବାର ଦିବସବ୍ୟାପି ଦୋକାନ ବଜାର ବନ୍ଦ ରଖିବା ସହ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ । ସଂଧ୍ୟାରେ ସିମୁଳିଆ ପୋଲିସ ବରଦା ଆସି ଘଟଣାର ତନାଘନା କରିଛି । ଶୁକ୍ରବାର ଦିନ ବରଦା ବଜାରର ଦୋକାନୀ ମଧୁସୁଦନ ପଣ୍ଡାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀ କବିତା ଦୋକାନ ଚଳାଉଥିବା ବେଳେ ବାବାଜୀ ପଣ୍ଡା ନାମକ ମଦ୍ୟପ କବିତାଙ୍କୁ ଦୁର୍ବବହାର କରିବା ଅଭିଯୋଗରେ ସମସ୍ତ ଦୋକାନୀ ଏକଜୁଟ ହୋଇ ଏହି ପଦକ୍ଷେପ ନେଇଥିଲେ ।

# ଆଡ଼ିଆ ସ୍କୁଲରେ ଶିଶୁ ଦିବସ ପାଳିତ

ସୋର,(ନି.ପ୍ର,.)ସୋର ବ୍ଲକ କୁଡ଼େଇ କ୍ଲଷ୍ଟର ଅନ୍ତର୍ଗତ ଆଡ଼ିଆ ପ୍ରାଥମିକ ବିଦ୍ୟାଳୟର ଶିଶୁ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକନାରାୟଣ ପ୍ରସାଦ ବାରିକ ଭାରତର ପ୍ରଥମ ପ୍ରଧାଦମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହରୁଙ୍କ ଜନ୍ମ ଦିନକୁ ଶିଶୁ ଦିବସ ଭାବେ ପାଳିତ କରାଯାଇଆସୁଛି ବୋଲି କହିଥିଲେ । ଶିକ୍ଷୟିତ୍ରୀ ରାଜଶ୍ରୀ ମହାପାତ୍ର ଏବଂ ସତ୍ୟଭାମା ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ୟୁନିଫର୍ମ ବିତରଣ କରାଯାଇଥିଲା ।

# ଶ୍ରୀରାମ ଜୀବନ ବୀମା ତରଫରୁ ଆଲୋଚନା ଚକ୍ର

ସୋର, (ନି.ପ୍ର.) ସୋର ସଂସ୍କୃତି ଭବନରେ ଶ୍ରୀରାମ ଜୀବନ ବୀମା ସୋରୋ ଶାଖା ତରଫରୁ ସଦସ୍ୟ, ସଦସ୍ୟାମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ସୋର ଶାଖା ପରିଚାଳକ ଶତ୍ରୁଘ୍ନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀରାମ ଜୀବନ ବୀମା ରାଜ୍ୟ ଆ□ଳିକ ମୁଖ୍ୟ ପରିଚାଳକ ତଥା ଆଇ ଆରଡିଏଆଇ ର ସଦସ୍ୟ ଦୀପ୍ତିରଞ୍ଜନ ମୁଦୁଲି ଯୋଗଦେଇ ଜୀବନ ବୀମାର ଉଦେଶ୍ୟ, ଭବିଷ୍ୟତ ଗଠନରେ ପ୍ରତେକ ମନୁଷ୍ୟ ଜୀବନର ଅର୍ଥ ନୈତିକ ମାନଦଣ୍ଡକୁ ସୁରକ୍ଷା ପ୍ରଦାନ, ପ୍ରତି ପରିବାରକୁ ବୀମା ସୁରକ୍ଷା କରାଇବା ମୂଳ ଲକ୍ଷ୍ୟ ବୋଲି ଆଲୋଚନା କରିଥିଲେ । ଏହି ବୈଠକରେ ସୁଶାନ୍ତ କୁମାର ଦାସ, ଦିଲ୍ଲୀପ କୁମାର ମହାପାତ୍ର, ଗୋପୀନାଥ ବେହେରା, ରମାକାନ୍ତ ପଣ୍ଡା, ମଧୁସୂଦନ ବେହେରା, ରାମଚନ୍ଦ୍ର ପଣ୍ଡା ଏବଂ କୃଷ୍ଣଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶେଷରେ ସୁନୀଲ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ମାଲକାନଗିରି, (ହି.ସ.)- ସ୍ୱଚ୍ଛ ସମ୍ବାଦ ପରିବେଷଣ ଦ୍ୱାରା ସମାଜରେ ନ୍ୟାୟ ପ୍ରତିଷ୍ଠା ସମ୍ଭବ ହୋଇପାରୁଛି । ତେଣୁ ସାମ୍ବାଦ ପରିବେଷଣ ସମୟରେ ସତ୍ୟର ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପ୍ରେସ ଦିବସ ଅବସରରେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମତବ୍ୟକ୍ତ କରିଛନ୍ତି । ସେ ଆହୁରି ମଧ କହିଛନ୍ତି, ସମାଜର ଜାଗ୍ରତ ପ୍ରହରୀ ତଥା ଚତୁର୍ଥ ସ୍ତମ୍ଭ ଭୂମିକା ନିର୍ବାହ କରୁଥିବା ଗଣମାଧ୍ୟମକୁ ନୈତିକତା ବଜାୟ ରଖିବାର ଆବଶ୍ୟକତା ରହିଛି । ଏହି ଅବସରରେ ମୁଖ୍ୟବକ୍ତା ଭାବେ ଉପ ଜିଲ୍ଲାପାଳ ଦୁର୍ଯ୍ୟ ।ଧନ ଭୋଇ ଓ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଯୋଗ ଦେଇଥିଲେ । ଉପ ଜିଲ୍ଲାପାଳ କହିଥିଲେ ଯେ, ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ପାଇଁ ସ୍ୱଚ୍ଛ ତଥ୍ୟ ଭିତିକ ସମ୍ବାଦ ପରିବେଷଣ କରିବା ସମସ୍ତଙ୍କର ଗୁରୁ ଦାୟିତ୍ୱ ହେବା ଦରକାର । ସେହିପରି ଆଜିର ସମୟରେ ସୋସିଆଲ ମିଡିଆର ଦ୍ୱାରା ସାମ୍ବାଦିକତା ବୃତିରେ ଅନେକ ପ୍ରଭାବ ପଡିଛି ବୋଲି ଗଣମାଧ୍ୟମ ପ୍ରତିନିଧି ମାନେ ମତବ୍ୟକ୍ତ କରିଥିଲେ । ନିରପେକ୍ଷ ଓ ସତ୍ୟ ଭିତିକ ସମ୍ବାଦ ଦ୍ୱାରା ଲୋକଙ୍କ ନିକଟତର ହୋଇପାରିବା ବୋଲି ମଧ୍ୟ ସମସ୍ତେ କହିଥିଲେ । ଚଳିତ ବର୍ଷ ପ୍ରେସ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଗଣମାଧ୍ୟମର ପରିବର୍ତ୍ତଶୀଳ ସ୍ୱରୂପ ବିଷୟବସ୍ତୁ ରଖାଯାଇଛି । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଜାତୀୟ ପ୍ରେସ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ସ୍ତରୀୟ ଆୟୋଜିତ ବକ୍ତୃତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଆୟୋଜନ କରିବାରେ ହରେକୃଷ୍ଣ କିର୍ତନିଆ ଓ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ ।

# ବନ ବିଭାଗ ଏବଂ ବେଲଗୁଣ୍ଠା ପୋଲିସ୍‌ର ମିଳିତ ଚଢ଼ାଉ; ୨୭ ଖଣ୍ଡ ଶାଳକାଠ ଜବତ

ଝାରସୁଗୁଡା(ନି.ପ୍ର.)- ଶନିବାର ଝାରସୁଗୁଡା ସେଂଟ ଜୋସେଫ କନଭେଂଟ ସ୍କୁଲ ପରିସରରେ ସହୋଦୟ ଗ୍ରୁପର ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ଝାରସୁଗୁଡା, ସମ୍ବଲପୁର ଜିଲ୍ଲାର ବାଳକ ସ୍କୁଲ ବିଭାଗରେ ୮ଟି ଦଳ ଓ ବାଳିକା ବିଭାଗରେ ୬ଟି ଦଳ ଅଂଶ ଗ୍ରହଣ କରି ଥିଲେ । ଆଜି ସକାଳ ୯ଟାରେ ହକି ଆସୋସିଏସନ ଅଫ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରିବା ସହିତ ଖୋଖୋ ପ୍ରତିଯୋଗିତା ଉଦ୍‌ଘାଟନ ଘୋଷଣା କରି ଥିଲେ । ବାଳିକା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇ ଥିଲା । ସ୍କୁଲର ଅଧ୍ୟକ୍ଷା ସଷ୍ଟର ଅର୍ଚ୍ଚନା ସ୍ୱାଗତ ଭାଷଣ ଦେଇ ଥିଲେ । ସେଂଟ ଅରନୋଲ୍ଡ କନଭେଂଟ ସ୍କୁଲ ର ଅଧ୍ୟକ୍ଷା ସିଷ୍ଟର କ୍ରାଲୁଡିଆ ଲୋକୋ ସମ୍ମାନୀୟ ଅତିଥି ଭାବରେ ଉପସ୍ଥିତ ଥିଲେ । ଖୋଖୋ ପ୍ରତିଯୋଗିତାର ବାଳକ ବିଭାଗରେ ଦୟାନନ୍ଦ ପବ୍ଲିକ ସ୍କୁଲ ସମ୍ବଲପୁର ଚମ୍ପିଆନ ହୋଇ ଥିବା ବେଳେ ବିକାଶ ସ୍କୁଲ ସମ୍ବଲପୁର ରନର୍ସଅଫ ହୋଇଛନ୍ତି । ସେହିପରି ବାଳିକା ବିଭାଗରେ ଦିଲ୍ଲି ପବ୍ଲିକ ସ୍କୁଲ ସମ୍ବଲପୁର ଚମ୍ପିଆନ ହୋଇ ଥିବା ବେଳେ ବ୍ଲୁବେଲ ସ୍କୁଲ ଝାରସୁଗୁଡା ରନର୍ସଅଫ ହୋଇଛନ୍ତି । । ବାଳିକ ବିଭାଗରେ ଦିଲ୍ଲି ପବ୍ଲିକ ସ୍କୁଲ ସମ୍ବଲପୁର ର ସୀମା ଭୋଇ ସର୍ବଶ୍ରେଷ୍ଠ ଖେଳାଳି ହୋଇ ଥିବା ବେଳେ ବାଳକ ବିଭାଗରେ ବିକାଶ କନସେପ୍ଟ ସ୍କୁଲ ସମ୍ବଲପୁର କେନ୍ଦୁ କୁଜୁର ସର୍ବଶ୍ରେଷ୍ଠ ଖେଳାଳି ଘୋଷିତ ହୋଇ ଥିଲେ ।

# ଘନଶ୍ୟାମ ହେମଲତା,ବିଦ୍ୟା ମନ୍ଦିର ସ୍କୁଲରେ ବାର୍ଷିକ କ୍ରୀଡ଼ା ଦିବସ ପାଳିତ

ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ଘନଶ୍ୟାମ ହେମଲତା, ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଦିବସ ପାଳନ କରା ଯାଇଛି । ଏହି ଅବସରରେ ଆରମ୍ଭରେ ବାଳକ, ବାଳିକା ମାନଙ୍କ ଦ୍ୱାରା ନୃତ୍ୟ,ସଂଗୀତ, କରାଟେ ଆଦି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ବାର୍ଷିକ କ୍ରୀଡା ଦିବସରେ ମୁଖ୍ୟ ଅତିଥି ଭାବରେ ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କ୍ରୀଡା ମାଶାଲ ପ୍ରଜ୍ଜଳନ କରି କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟନ ଘୋଷଣା କରି ଥିଲେ । ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଂଯୁକ୍ତା ଦାଶ ସ୍ୱାଗତ ଭାଷଣ ଦେଇ ଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ଓ.ପି.ଟି.ଏ ସଂପାଦକ ସୌଭାଗ୍ୟପଟେଲ, ପୂର୍ବତନ ଜିଲ୍ଲା ଓକିଲ ସଂଘର ସଭାପତି ତ୍ରିନାଥ ଗୁଆଲ ଯୋଗ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରି ଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସଂଯୁକ୍ତା ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିବିଧ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥିଲା । ବାଳକ କନିଷ୍ଠ ବର୍ଗରେ ବିଜୟ ରାଉତ, ବାଳିକା ବିଭାଗରେ ପ୍ରାଚୀ ମହାନନ୍ଦିଆ ଓ ବରିଷ୍ଠ ବାଳକ ବର୍ଗରେ ସୁଧୀର ବରିହା, ବାଳିକା ବର୍ଗରେ ଅର୍ଚ୍ଚନା ରାଉତ ଚମ୍ପିଆନ ହୋଇ ପୁରସ୍କୃତ ହୋଇ ଥିଲେ । ସ୍କୁଲର କ୍ରୀଡା ଶିକ୍ଷକ ସରୋଜ ସାମନ୍ତ କ୍ରୀଡା ପରିଚାଳନା କରି ଥିଲେ । , ସ୍କୁଲର ସି.ସିଏର ଯୁଗ୍ମ ସଂଯୋଜକ ସନ୍ଧ୍ୟାରାଣୀ ସାହୁ,ଓ ଶୋଭନ ସାହୁ ସହଯୋଗ କରି ଥିଲେ । ଶୁଭେନ୍ଦୁ କୁମାର ମେହେର ମଚଂ ପରିଚାଳନା କରି ଥିଲେ । ଶେଷରେ ଶୋଭନ ସାହୁ ଧନ୍ୟବାଦ ଦେଇ ଥିଲେ ।




# ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ତରଫରୁ ଦାବିପତ୍ର ପ୍ରଦାନ

ସୋର, (ନି.ପ୍ର.)ଭୁବନେଶ୍ୱର ଆନୁକୁଲ୍ୟରେ ରାଜ୍ୟ ସଂଘର ନିଷ୍ପତି ଅନୁସାରେ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ସପ୍ତାହ ବ୍ୟାପୀ ଚାଲୁଥିବା ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କାର୍ଯ୍ୟକ୍ରମ ଆଜି ବାଲେଶ୍ୱର ଜିଲା ସୋର ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସୋର ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ବେସରକାରୀ ମହାବିଦ୍ୟାଳୟର ୨୦୦୮ ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ହୋଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସରକାରୀ ଅନୁଦାନ ନିମନ୍ତେ (ଏଓଇ) କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିଶ କରିବା ସହିତ ଅନୁରୋଧ କରିବା ଦିଗରେ ବିଧାୟକ ମାଧବ ଧଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା । ଏହି କାର୍ଯ୍ୟକ୍ରମରେ ସଂଘର ସଂପାଦକ ପ୍ରିୟବ୍ରତ ମହାପାତ୍ର ଏବଂ ବାହାନଗା ମହାବିଦ୍ୟାଳୟର ତାପସ କୁମାର ପାତ୍ର, ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଅରୁଣ କୁମାର ରାମ, ପ୍ରଶାନ୍ତ କୁମାର ବିଶ୍ୱାଳ, ରାଧାଶ୍ୟାମ ବିଶ୍ୱାଳ, ଜୟନ୍ତ କୁମାର ବେହେରା, ସାରସ୍ୱତ ମହାବିଦ୍ୟାଳୟ ଅନନ୍ତପୁରର ସୁଶାନ୍ତ ଦୀକ୍ଷିତ,ବିପ୍ଳବ ପଣ୍ଡା, ରାଧାକାନ୍ତ ଦାସ, କୁଡେଇ ମହିଳା ମହାବିଦ୍ୟାଳୟର ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ । ବିଧାୟକ ଏହି ଦାବିପତ୍ରକୁ ଗ୍ରହଣ କରି ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥରପନ କରିବାର ପ୍ରତିଶ୍ରୁତି ଦେଇଥିଲେ ।

# ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ପାଇଲା ପିଏମ ଶ୍ରୀ ଓ ଉତ୍କର୍ଷ କେନ୍ଦ୍ରର ମାନ୍ୟତା

ଜୟପୁର, (ହି.ସ.) ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଆଜି ରାଜ୍ୟର ଐତିହ୍ୟ ବିଦ୍ୟାଳୟ, ପିଏମ୍ ଶ୍ରୀ ଓ ଉତ୍କର୍ଷ କେନ୍ଦ୍ର ର ମାନ୍ୟତା ପାଇଥିବାରୁ ସମସ୍ତଙ୍କୁ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀଙ୍କ ତରଫରୁ ସାଧୁବାଦ ଜଣାଇଛନ୍ତି । ଏହି ବିଦ୍ୟାଳୟ ଜୟପୁର ମହାରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ ଦ୍ୱାରା ୧୮୮୬ମସିହା ରୁ ନିମ୍ନ ପ୍ରାଥମିକ ବିଦ୍ୟାଳୟ ରୁ ଆରମ୍ଭ ହୋଇ ୧୯୧୦ମସିହାରେ ଉଚ୍ଚ ବିଦ୍ୟାଳୟର ମାନ୍ୟତା ପାଇଥିଲା । ଏହି ବିଦ୍ୟାଳୟ ପ୍ରଥମେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଅଧୀନରେ ଥିଲା । ଐତିହାସିକ ଶ୍ରୀ ଜି. ରାମଦାସ ପାନ୍ତୁଲୁ ଏହି ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ଥିଲେ । କ୍ରମଶଃ ଏହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ର ମାନ୍ୟତା ପାଇବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନକୁ ଆସିଥିଲା । ୧୯୪୨ ମସିହାରେ ତତ୍କାଳୀନ ମହାରାଜା ଶ୍ରୀ ବିକ୍ରମଦେବ ବର୍ମା ଙ୍କ ପ୍ରତ୍ୟକ୍ଷ ସହାୟତାରେ ଓ ଆର୍ଥିକ ଅନୁଦାନ ରେ ବିଦ୍ୟାଳୟ ସୌଧ, ପାଠାଗାର ନିର୍ମାଣ ହୋଇଥିଲା । କିଛି ବର୍ଷ ଜିଲ୍ଲା ବୋର୍ଡ଼ ଅଧୀନରେ ରହିବା ପରେ ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା ।ବାଳିକା ମାନଙ୍କର ଶିକ୍ଷା ପାଇଁ ମହାରାଜା ସହର ମଝିରେ ଥିବା ଏହି ବିଦ୍ୟାଳୟକୁ ପ୍ରଦାନ କରି ବାଳକ ମାନଙ୍କ ପାଇଁ ସୂର୍ଯ୍ୟ ମହଲ କୋଠାରେ ବିଦ୍ୟାଳୟ କରିବାକୁ ମହାରାଜା ସ୍ୱୀକୃତି ପ୍ରଦାନ କରିଥିଲେ । କିନ୍ତୁ ମହାରାଜାଙ୍କ ଆକସ୍ମିକ ବିୟୋଗ ଏହି ଭାବନାକୁ ସାକାର କରିବାରେ ପ୍ରତିବନ୍ଧକ ସାଜିଥିଲା । ୧୯୬୦ ମସିହାରେ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ,ଓଡ଼ିଶା ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ହାତୀ ଶାଳ ନିକଟରେ ଲୋକଙ୍କ ବ୍ୟକ୍ତି ଗତ ଜମି କୁ କ୍ରୟ କରି ବିଦ୍ୟାଳୟ ନିର୍ମାଣ କରାଯାଇଥିଲା । ଏହି ବିଦ୍ୟାଳୟର ଅନେକ ଶିକ୍ଷକ, ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ଜଡ଼ିତ ରହି ମାଟି ମାଆ ର ସେବା କରିଛନ୍ତି । ଏହି ବିଦ୍ୟାଳୟ ରୁ ସୃଷ୍ଟି ହୋଇଛନ୍ତି ଅନେକ ବୁଦ୍ଧିଜୀବୀ, ପ୍ରଶାସକ ଓ ରାଜନେତା । ଏହି ସୂଚନା ପାଇବା ପରେ କୋରାପୁଟ ଜିଲ୍ଲାରେ ଖୁସିର ଲହରି ଖେଳିଯାଇଛି ।

# ରଘୁନାଥପୁରରେ ତ୍ରିନାଥ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ସୋର, (ନି. ପ୍ର.)- ସୋର ବ୍ଲକ ମଧୁସୂଦନପୁର ପ□ାୟତ ରଘୁନାଥପୁର ଗଞ୍ଜ ଗ୍ରାମରେ ତ୍ରିନାଥ ମଣ୍ଡପ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆଜି ସକାଳ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ । ଏହାପରେ ପ୍ରତିଷ୍ଠା ଉତ୍ସବ ଯଜ୍ଞାଦି କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ କ□ା କ□ୀ ଭାବେ ହରିହର ମୁଦୁଲି ଏବଂ ଜୟନ୍ତୀ ବେହେରା ଦାୟିତ୍ୱ ତୁଲାଇଥିଲେ । ପୂଜକ ଭାବେ ମନୋରଂଜନ ପଣ୍ଡା, ଜୟନ୍ତ କୁମାର ପଣ୍ଡା ଏବଂ ଜଗବନ୍ଧୁ ପଣ୍ଡା ପୂଜାକାର୍ଯ୍ୟ ପରିଚାଳନା କରିଥିଲେ । ଏହାକୁ ମୁକ୍ତିକାନ୍ତ ମୁଦୁଲି, ରଘୁନାଥ ଜେନା, ପୂର୍ଣ୍ଣଚନ୍ଦ୍ର ଓଝା, ଜଗବନ୍ଧୁ ଜେନା ଓ ସଂଜୀତ କୁମାର ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ନିଜର ସଂସ୍କୃତି ଏବଂ ମୂଳ ସହ ଜଡ଼ିତ ରହିଥିବାରୁ ନାଇଜେରିଆ ମରାଠୀ ସମ୍ପ୍ରଦାୟକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନାଇଜେରିଆର ମରାଠୀ ସମ୍ପ୍ରଦାୟକୁ ସେମାନଙ୍କର ସଂସ୍କୃତି ଏବଂ ମୂଳ ସହ ଜଡିତ ରହିଥିବାରୁ ପ୍ରଶଂସା କରିଥିଲେ । ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିଆଯିବା ଉପରେ ନାଇଜେରିଆର ମରାଠୀ ସମ୍ପ୍ରଦାୟ ପକ୍ଷରୁ ଖୁସି ବ୍ୟକ୍ତ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଏହି ପ୍ରଶଂସା କରିଥିଲେ । ଏକ୍ସରେ ଏକ ପୋଷ୍ଟରେ ସେ ଲେଖିଛନ୍ତି : "ନାଇଜେରିଆରେ ମରାଠୀ ସମ୍ପ୍ରଦାୟ ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦିଆଯିବା ଉପରେ ଆନନ୍ଦ ପ୍ରକାଶ କରିଥିଲେ । ସେମାନେ କିପରି ସେମାନଙ୍କର ସଂସ୍କୃତି ଏବଂ ମୂଳ ସହିତ ଜଡିତ ରହିଛନ୍ତି, ତାହା ପ୍ରକୃତରେ ପ୍ରଶଂସନୀୟ ।"

# ଜନସଭା ବୈଠକକୁ ବାତିଲ କଲେ ଅମିତ ଶାହ

ନୂଆଦିଲ୍ଲୀ : ପାଖେଇ ଆସୁଛି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ । ଏନେଇ ରବିବାର ହେବାକୁ ଥିବା ଜନସଭା ବୈଠକକୁ ବାତିଲ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ସଭା ବାତିଲ କରି ସେ ବାହାରିଛନ୍ତି ନାଗପୁର । ଗଢଚିରୌଲୀ, ବର୍ଧା ଏବଂ ନାଗପୁର ଜିଲ୍ଲାର କାଟୋଲ ଏବଂ ସାବନେରରେ ତାଙ୍କର ସମସ୍ତ ଚାରୋଟି ବୈଠକ ବାତିଲ କରିଥିବା ଜଣାପଡିଛି । ମଣିପୁର ଘଟଣା ଯୋଗୁଁ ତାଙ୍କ ବୈଠକ ବତିଲ କରାଯାଇଥିବା ସୂଚନା ମିଳିଛି । ତେବେ ଅମିତ ଶାହ ଆଜି ଚାରୋଟି ବୈଠକ ପାଇଁ ନାଗପୁର ପହଂଚିଥିଲେ । ସେ ନାଗପୁରର ରେଡିସନ ବ୍ଲୁ ହୋଟେଲରେ ରହି ସେ ରବିବାର ସକାଳ ପାଖାପାଖି ୧୧ଟାରେ ଜନସଭାକୁ ସମ୍ବୋଧିତ କରିବା ଲାଗି ଗଢଚିରୌଲୀ ଗସ୍ତ କରିଥିଲେ । ହେଲେ ଅଚାନକ ତାଙ୍କ ଗସ୍ତକୁ ବାତିଲ କରାଯାଇଥିଲା । ସୂତ୍ର ଅନୁଯାୟୀ, ମଣିପୁର ଘଟଣା ପାଇଁ ଅମିତ ଶାହ ଅଚାନକ ନିଜର ସମସ୍ତ ରାଜନୈତିକ କାର୍ଯ୍ୟକ୍ରମ ବାତିଲ କରିଦେଇ ସେ ଦିଲ୍ଲୀକୁ ଫେରିଯାଇଛନ୍ତି । ଏହି ସ୍ଥାନରେ ଅମିତ ଶାହଙ୍କ ପରିବର୍ତ୍ତେ, ସ୍ମୃତି ଇରାନୀ ଏବଂ ଶିବରାଜ ସିଂହ ଚୋହାନଙ୍କ ରାଲି ହେବ । ଏହି ଦୁଇ ନେତା ଜନତାଙ୍କୁ ସମ୍ବୋଧିତ କରିବେ । ଅମିତ ଶାହଙ୍କ ୪ଟି ସଭାରୁ ୨ଟି ସ୍ମୃତି ଇରାନୀ କରିବାକୁ ଥିବା ବେଳେ ୨ଟି ସଭା ଶିବରାଜସିଂହ ଚୌହାନ କରିବେ ବୋଲି ଜଣାପଡିଛି ।





# ପ୍ରଧାନମନ୍ତ୍ରୀଙ୍କୁ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ନାଇଜର' ପ୍ରଦାନ



ନୂଆଦିଲ୍ଲୀ : ଷ୍ଟେଟ୍ ହାଉସରେ ଆୟୋଜିତ ଏକ ସମାରୋହରେ ନାଇଜେରିଆ ଫେଡେରାଲ ରିପବ୍ଲିକ୍ ର ରାଷ୍ଟ୍ରପତି ମହାମହିମ ଶ୍ରୀ ବୋଲା ଅହମ୍ମଦ ଟିନୁବୁ ଭାରତ-ନାଇଜେରିଆ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ' ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ନାଇଜର ' ଜାତୀୟ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ପ୍ରଶଂସାପତ୍ରରେ ଉଲ୍ଲେଖ କରାଯାଇଛି ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଏକ ବିଶ୍ୱ ଶକ୍ତି ଭାବରେ ଅବସ୍ଥାପିତ ହୋଇଛି ଏବଂ ତାଙ୍କ ପରିବର୍ତ୍ତନଶୀଳ ଶାସନ ସମସ୍ତଙ୍କ ପାଇଁ ଏକତା, ଶାନ୍ତି ଏବଂ ଅଂଶୀଦାର ସମୃଦ୍ଧିକୁ ପ୍ରୋତ୍ସାହିତ କରିଛି । ଏହି ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଭାରତବାସୀ ଏବଂ ଭାରତ ଓ ନାଇଜେରିଆ ମଧ୍ୟରେ ଥିବା ଦୀର୍ଘକାଳୀନ ଐତିହାସିକ ବନ୍ଧୁତାକୁ ଉତ୍ସର୍ଗ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ସ୍ୱୀକୃତି ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ ଏବଂ ଗ୍ଲୋବାଲ୍ ସାଉଥର ଆକାଂକ୍ଷା ପ୍ରତି ସେମାନଙ୍କର ଅଂଶୀଦାର ପ୍ରତିବଦ୍ଧତାକୁ ଦର୍ଶାଏ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ପ୍ରଥମ ବିଦେଶୀ ନେତା ଯିଏ କି ୧୯୬୯ ପରେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

# ଅନନ୍ୟ ଚଳଚ୍ଚିତ୍ର ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ ଆଇଏଫଏଫଆଇ ୨୦୨୪ର ଗାଲା ପ୍ରିମିୟର୍ସ ଏବଂ ରେଡ୍-କାର୍ପେଟ୍ ଲାଇନ-ଅପ୍

ନୂଆଦିଲ୍ଲୀ : ଭାରତୀୟ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫଏଫଆଇ)ର ୫୫ତମ ସଂସ୍କରଣ ଏହାର ବହୁ ପ୍ରତୀକ୍ଷିତ ଗାଲା ପ୍ରିମିୟର ଏବଂ ରେଡ୍ କାର୍ପେଟ୍ କାର୍ଯ୍ୟକ୍ରମ ସହିତ ଦର୍ଶକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ । ଏହା ଉତ୍କୃଷ୍ଟ ଚଳଚ୍ଚିତ୍ର କଳା ଅନୁଭୂତି, ବିଶ୍ୱସ୍ତରୀୟ ପ୍ରତିଭାର ପ୍ରଦର୍ଶନ ଏବଂ ଅସାଧାରଣ କାହାଣୀ କହିବାର ଏକ ଚମତ୍କାର ଉତ୍ସବ ହେବାକୁ ଯାଉଛି । ଏହି ଆକର୍ଷଣୀୟ ବିଭାଗର ତୃତୀୟ ସଂସ୍କରଣ ସହିତ, ଆଇଏଫଏଫଆଇ ୨୦୨୪ ଏକ ଅବିସ୍ମରଣୀୟ ଅନୁଭୂତି ପାଇଁ ମଂଚ ପ୍ରସ୍ତୁତ କରୁଛି । ଏହା ଚଳଚ୍ଚିତ୍ର ଜଗତକୁ ଏହାର ଉତ୍ସାହୀ ଦର୍ଶକଙ୍କ ସହ ଯୋଡ଼ିଥାଏ । ଚଳିତ ବର୍ଷର ଗାଲା ପ୍ରିମିୟର ଲାଇନ-ଅପ୍ ଏକ ଉତ୍କୃଷ୍ଟ ଚଳଚ୍ଚିତ୍ର ଅନୁଭୂତି ପାଇଁ ପ୍ରତିଶ୍ରୁତି ଦେଇଛି । ଏଥିରେ ଚଳଚ୍ଚିତ୍ର, ୱେବ୍ ସିରିଜ୍ ଏବଂ ପ୍ରାମାଣିକ ଚଳଚ୍ଚିତ୍ରର ଏକ ଆକର୍ଷଣୀୟ ସଂଗ୍ରହ ରହିଛି । ୨୦୨୪ ଗାଲା ପ୍ରିମିୟର୍ ବିଭିନ୍ନ ଶୈଳୀ, ଭାଷା ଏବଂ ସଂସ୍କୃତିରେ ବ୍ୟାପ୍ତ ହେବ, ଯେଉଁଥିରେ ନଅଟି ବିଶ୍ୱ ପ୍ରିମିୟର୍, ଚାରୋଟି ଏସିଆ ପ୍ରିମିୟର୍, ଗୋଟିଏ ଇଣ୍ଡିଆ ପ୍ରିମିୟର୍ ଏବଂ ଗୋଟିଏ ଏକ୍ସକ୍ଲୁସିଭ୍ ଶୋ'କେସ୍ ରହିବ । ରୋମାଂଚକାରୀ ଅପରାଧିକ କାହାଣୀ ଠାରୁ ଆରମ୍ଭ କରି ହୃଦୟସ୍ପର୍ଶୀ ପାରିବାରିକ ନାଟକ ଏବଂ ଚିନ୍ତା ଉଦ୍ରେକକାରୀ ସାମାଜିକ କାହାଣୀ ପର୍ଯ୍ୟନ୍ତ, ଚଳିତ ବର୍ଷର ଲାଇନଅପ୍ ପ୍ରତ୍ୟେକ ସିନେପ୍ରେମୀଙ୍କୁ ଆକର୍ଷିତ କରିବାକୁ ପ୍ରତିଶ୍ରୁତି ଦେଇଛି । ବୈଶ୍ୱିକ ଏବଂ ଆଂଚଳିକ ଚଳଚ୍ଚିତ୍ରର ପ୍ରକୃତ ସମାବେଶୀ ଉତ୍ସବ ଭାବେ ଆଇଏଫଏଫଆଇ ୨୦୨୪କୁ ସୁଦୃଢ଼ କରି, ହିନ୍ଦୀ, ଇଂରାଜୀ, ମରାଠୀ, ମାଲାୟାଲମ୍ ଏବଂ ତେଲୁଗୁ ସମେତ ବିଭିନ୍ନ ଭାଷାରେ ଏହି ବିଶିଷ୍ଟ କୃତିମାନ ଉପସ୍ଥାପନ କରାଯିବ । ଉଲ୍ଲେଖନୀୟ ଚଳଚ୍ଚିତ୍ର ଗୁଡ଼ିକ ମଧ୍ୟରେ ରହିଛି – 'ଦ ପିଆନୋ ଲେସନ୍', 'ସାଲି ମୋହବ୍ବତ', 'ସ୍ନୋଫ୍ଲାୱାର', 'ଜିରୋ ସେ ରିଷ୍ଟାର୍ଟ', 'ସାଲି ମୋହବ୍ବତ', 'ସ୍ନୋ ଫ୍ଲାୱାର', 'ପୁଣେ ହାଇୱେ', 'ହଜାର ବାଲା ଶୋଲେ ପହିଲା ମାନୁସ୍', 'ଦ ମେହେଟ୍ଟା ବଏଜ୍', 'ଜବ ଖୁଲି କିତାବ', 'ହିସାବ ବାରାବର', 'ମିସେସ୍ ଫାର୍ମା', 'ବିକ୍ଲଟ କବି', 'ହେଡ ହଂଟିଙ୍ଗ୍ ଟୁ ବିଟବକ୍ସିଙ୍ଗ୍', 'ମୋଆନା ୨' ଏବଂ 'ଦ ରାଣା ଦଗ୍ଗୁବତୀ ଶୋ' । ଏହି ଚଳଚ୍ଚିତ୍ର ଓ ଶୋ'ଗୁଡିକ ସୀମା ଠାରୁ ଊର୍ଦ୍ଧ୍ୱକୁ ଯାଇ ନୂତନ କାହାଣୀ ଫର୍ମାଟ୍ ଅନ୍ୱେଷଣ କରିବା ଏବଂ ଅଭିଜ୍ଞତାର ଏକ ସମୃଦ୍ଧ ପରମ୍ପରା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥାଏ ଯାହା ଏକତ୍ର ହେବା ଓ ପ୍ରେରଣା ଦେବା ପାଇଁ ସିନେମାର ଶକ୍ତିକୁ ଆଲୋକିତ କରେ । ଆଇଏଫଏଫଆଇ ୨୦୨୪ର ପରେଡ କାର୍ପେଟରେ ଅନେକ ଚଳଚ୍ଚିତ୍ର ତାରକା ଯୋଗ ଦେବେ ଯେଉଁମାନଙ୍କ ମଧ୍ୟରେ ଅଛନ୍ତି ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ଅଭିନେତା ଏବଂ ଚଳଚ୍ଚିତ୍ର ଦୁନିଆର ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବେ । ଚଳଚ୍ଚିତ୍ର କିମ୍ବଦନ୍ତୀ ଓ ଉଦୀୟମାନଙ୍କ ତାରକାଙ୍କୁ ନେଇ ଏହି ଚଳଚ୍ଚିତ୍ର ମହୋତ୍ସବର ସନ୍ଧ୍ୟାରେ ଅନେକ ଚାକଚକ୍ୟ, ଗ୍ଲାମର ଓ ଅବିସ୍ମରଣୀୟ ଅନୁଭୂତି ଦେଖିବାକୁ ମିଳିବ । ରାଣା ଦଗ୍ଗୁବତୀ, ବିଧୁ ବିନୋଦ ଚୋପ୍ରା, ସାନ୍ୟା ମାଲହୋତ୍ରା, ବିକ୍ରାନ୍ତ ମେସୀ, ଆର ମାଧବନ, ଏ. ଆର. ରେହମାନ ଏବଂ ସୌରଭ ଶୁକ୍ଲାଙ୍କ ସମେତ ସମ୍ମାନିତ ବ୍ୟକ୍ତିତ୍ୱମାନେ ରେଡ୍ କାର୍ପେଟରେ ଚାଲିବା ସହ ଚଳଚ୍ଚିତ୍ର ଶିଳ୍ପର ଆଭ୍ୟନ୍ତରୀଣ ଏବଂ ଗଣମାଧ୍ୟମରେ ଯୋଗ ଦେଇ ସିନେମାର ଉତ୍ସବକୁ ପାଳନ କରିବେ । ଆଇଏଫଏଫଆଇ ୨୦୨୪ର ରେଡ୍ କାର୍ପେଟ୍ ବିଭାଗ ସର୍ବାଧିକ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ, ଯାହା ପ୍ରଶଂସକମାନଙ୍କୁ ସେମାନଙ୍କ ପ୍ରିୟ ତାରକା ଏବଂ ଚଳଚ୍ଚିତ୍ର ନିର୍ମାତାଙ୍କ ନିକଟତର ହେବାକୁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ । ଏହା କେବଳ ଉଚ୍ଚ ଫେଶନର ପ୍ରଦର୍ଶନ ନୁହେଁ, ବରଂ ପ୍ରତିଭା, ସୃଜନଶୀଳତା ଏବଂ ସିନେମାର ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଏକ ଉତ୍ସବ । ବର୍ଷ ବର୍ଷ ଧରି, ଗାଲା ପ୍ରିମିୟର୍ ଆଇଏଫଏଫଆଇର ପରମ୍ପରାର ଏକ ପରିଚୟ ପାଲଟି ଯାଇଛି, ଯେଉଁଥିରେ ଚଳଚ୍ଚିତ୍ର ଜଗତକୁ ପରିଭାଷିତ କରୁଥିବା କଳାତ୍ମକତା ଏବଂ ପ୍ରତିଭାକୁ ପାଳନ କରିବା ସହିତ ଚଳଚ୍ଚିତ୍ରର ଉତ୍କୃଷ୍ଟ କୃତି ପ୍ରଦର୍ଶିତ ହୋଇଛି । ଏହାର ପୂର୍ବ ସଂସ୍କରଣରେ, ଗାଲା ପ୍ରିମିୟର୍ସ ବିଭାଗ ଆଇଏଫଏଫଆଇକୁ ଏକ ପ୍ରମୁଖ ବିଶ୍ୱ ଚଳଚ୍ଚିତ୍ର ମହୋତ୍ସବ ଭାବରେ ଉନ୍ନୀତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଅତୀତ ଗାଲା ପ୍ରିମିୟରରେ ଦୃଶ୍ୟମ୍ ୨, ଭେଡ଼ିୟା, କଡ଼କ୍ ସିଂ, ଗାନ୍ଧୀ ଟକ୍ସ ଏବଂ ଆନ୍ତର୍ଜାତୀୟ ସିରିଜ୍ ଫାଉଡା (ସିଜନ୍ ୪) ପରି ଶୋ' ସମାଲୋଚକଙ୍କ ଦ୍ୱାରା ପ୍ରଶଂସିତ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଛି । ରେଡ୍ କାର୍ପେଟରେ ସଲମାନ ଖାନ, ଅଜୟ ଦେବଗନ୍, ନୱାଜୁଦ୍ଦିନ୍ ସିଦ୍ଦିକି, ବରୁଣ ଧାୱନ, ବିଜୟ ସେତୁପତି, ଅଦିତି ରାଓ ହାଇଦରି ଏବଂ ଆହୁରି ଅନେକ ପ୍ରସିଦ୍ଧ ଅଭିନେତା ଭାଗ ନେଇଛନ୍ତି । ବିଶ୍ୱସ୍ତରୀୟ ଚଳଚ୍ଚିତ୍ର, ତାରକା ଖଚିତ ରେଡ୍ କାର୍ପେଟ୍ ଏବଂ ଦର୍ଶକଙ୍କ ପାଇଁ ସିନେମାର ଯାଦୁକରୀ ଅନୁଭୂତି ସହ ଜଡ଼ିତ ହେବା ପାଇଁ ଏକ ଅନନ୍ୟ ସୁଯୋଗ ସହିତ ୫୫ତମ ଆଇଏଫଏଫଆଇ ସିନେପ୍ରେମୀମାନଙ୍କୁ କାହାଣୀ, ଗ୍ଲାମରସ୍ ଏବଂ ସାଂସ୍କୃତିକ ଉତ୍ସବର ଏକ ମନ୍ତ୍ରମୁଗ୍ଧ ଯାତ୍ରାରେ ନିଜକୁ ନିମଜ୍ଜିତ କରିବାକୁ ଆମନ୍ତ୍ରଣ କରେ ଯାହା ଏହାକୁ ଅନ୍ୟ ଉତ୍ସବ ଠାରୁ ଭିନ୍ନ କରିଥାଏ । ଏହା ସହିତ, ଆଇଏଫଏଫଆଇ ୨୦୨୪ ଏକ ଅତୁଳନୀୟ ଅଭିଜ୍ଞତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି ଯାହା ସର୍ବୋତମ ବିଶ୍ୱ ତଥା ଆଂଚଳିକ ପ୍ରତିଭାକୁ ଏକାଠି କରିଥାଏ ।

# କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରଠାରେ 'ଲକ୍ଷ୍ମୀପୁର ସାହିତ୍ୟ ପରିଷଦ'ର ଦଶମ ବାର୍ଷିକ ଉତ୍ସବରେ ଯୋଗ ଦେଲେ ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର : ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରଠାରେ 'ଲକ୍ଷ୍ମୀପୁର ସାହିତ୍ୟ ପରିଷଦ'ର ଦଶମ ବାର୍ଷିକ ଉତ୍ସବ ଏବଂ ଓଡ଼ିଆ ଅସ୍ମିତା ପର୍ବରେ ଯୋଗଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ସାହିତ୍ୟ ହେଉଛି ସମାଜର ସ୍ପନ୍ଦନ । ଯେ ପର୍ଯ୍ୟନ୍ତ ସାହିତ୍ୟ ବଂଚିଛି, ସେ ପର୍ଯ୍ୟନ୍ତ ଆମ ଭାଷା, ସଂସ୍କୃତି, ପରମ୍ପରା ଅକ୍ଷୁର୍ଣ୍ଣ ରହିବ । ଆମେ ଆମ ଭାଷା ଓ ସାହିତ୍ୟକୁ ନେଇ ଗର୍ବ କରିବା, ତାକୁ ସୁରକ୍ଷିତ ରଖିବାର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମରେ ସେ ବିଭିନ୍ନ ଲେଖକଙ୍କ ଦ୍ୱାରା ରଚିତ ପୁସ୍ତକ ଉନ୍ମୋଚନ କରିଥିଲେ ।

# ନଭେମ୍ବର ୨୩ରୁ ମିଡିଆ ମହାକୁମ୍ଭ, ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର : ଜାତୀୟ ଗଣମାଧ୍ୟମ କନକ୍ଲେଭର ଅଷ୍ଟମ ସଂସ୍କରଣ ନଭେମ୍ବର ୨୩ରୁ ତିନିଦିନ ଧରି ଭୁବନେଶ୍ୱରସ୍ଥିତ କିଟ ବିଶ୍ୱବିଦ୍ୟାଳୟ ପରିସରରେ କିମସ ଅଡିଟୋରିୟମରେ ଆରମ୍ଭ ହେବାକୁ ଯାଉଛି । ଆଜି ଏହାର ଲୋଗୋ ଏବଂ ପୋଷ୍ଟର ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍ଏସ୍) ସମ୍ମିଳନୀ କକ୍ଷରେ କନକ୍ଲେଭର ସଭାପତି ପ୍ରଫେସର ଉପେନ୍ଦ୍ର ପାଢ଼ୀ ଆୟୋଜକ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି । ଏହି ବର୍ଷ ଏହି କନକ୍ଲେଭରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରାଯିବ ଏବଂ ବିଭିନ୍ନ ଅଧିବେଶନରେ ତାଙ୍କର ଜୀବନି ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନକୁ ଉଜ୍ଜୀବିତ କରାଯିବ । ପୂର୍ବାଂଚଳ ଭାରତର ସବୁଠୁ ବଡ ଏକାଡେମିକ୍ କନକ୍ଲେଭ ତଥା ମିଡ଼ିଆ ମହାକୁମ୍ଭ ଭାବରେ ବିବେଚିତ ଏହି ସମ୍ମିଳନୀର ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ ରହିଛି 'କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ' । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓକାକ , କିଟ ବିଶ୍ୱବିଦ୍ୟାଳୟ ଏବଂ ଇଣ୍ଡିଆନ୍ କାଉନସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ ର ମିଳିତ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନ ଆଇଏମ୍ଏସ୍ ଦ୍ୱାରା ଏହି ଅଷ୍ଟମ ଜାତୀୟ ଗଣମାଧ୍ୟମ ସମ୍ମିଳନୀ ଆୟୋଜିତ ହେଉଛି । ଏହି କନକ୍ଲେଭରେ ଉଦଘାଟନୀ ସମାରୋହ ସହ ବିଭିନ୍ନ ସମସାମୟିକ ପ୍ରସଙ୍ଗ ତଥା କୃତ୍ରିମ ବୁଦ୍ଧିମତା ସମ୍ପର୍କିତ ସାତୋଟି ଆଲୋଚନାଚକ୍ର ଏବଂ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ ପାଇଁ ୪ଟି ସମାନ୍ତରାଳ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ବରିଷ୍ଠ ଗଣମାଧ୍ୟମ ଶିକ୍ଷାବିତ୍, ଗବେଷକ ଏବଂ ଦେଶର ୭୦ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୭୦୦ରୁ ଅଧିକ ଅଂଶଗ୍ରହଣ କରିବେ । ସମାନ୍ତରାଳ ବୈଷୟିକ ଅଧିବେଶନରେ ପ୍ରାୟ ୮୦ଟି ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପିତ ହେବ ବୋଲି ଶ୍ରୀଯୁକ୍ତ ପାଢ଼ୀ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କିଟ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଏବଂ ଆସୋସିଏଟ୍ ଡିନ୍ ଡକ୍ଟର ରାଜୀବ କୁମାର ପଣ୍ଡା, ବିର୍ଲା ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଜ୍ଞାନରଞ୍ଜନ ମିଶ୍ର, ଆଇଏମ୍ଏସ୍ ସମାଜ ସେବା ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ଗାୟତ୍ରୀ ପଟ୍ଟନାୟକ ଓ ଆଇଏମ୍ଏସ୍ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ମନୋରଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ୯୮୬୧୯୭୭୦୬୮ରେ ଯୋଗାଯୋଗ କରନ୍ତୁ ।

# ଉତମ ଯୋଗାଣ ହେତୁ ଟମାଟୋର ମୂଲ୍ୟ ଏକ ମାସରେ ୨୨ ପ୍ରତିଶତରୁ ଅଧିକ ହ୍ରାସ

ନୂଆଦିଲ୍ଲୀ : ମଣ୍ଡି ମୂଲ୍ୟରେ ହ୍ରାସ ସହିତ ଟମାଟୋର ଖୁଚୁରା ମୂଲ୍ୟ ହ୍ରାସ ପାଇବାରେ ଲାଗିଛି । ୧୪ ନଭେମ୍ବର, ୨୦୨୪ ସୁଦ୍ଧା ସମଗ୍ର ଭାରତର ହାରାହାରି ଖୁଚୁରା ମୂଲ୍ୟ କିଲୋଗ୍ରାମ ପିଛା ୫୨.୩୫ ଟଙ୍କା ଥିଲା ଯାହାକି ୧୪ ଅକ୍ଟୋବର, ୨୦୨୪ ରେ କିଲୋଗ୍ରାମ ପିଛା ୨୨.୪% କମ୍ ଅଟେ । ସେହି ସମୟ ମଧ୍ୟରେ ଆଜାଦପୁର ମାଣ୍ଡିରେ ମୋଡାଲ୍ ମୂଲ୍ୟ ପ୍ରାୟ ହ୍ରାସ ପାଇଥିଲା । ଟମାଟୋ ଆଗମନ ସହିତ ୫୦%, କ୍ୱିଂଟାଲ ପିଛା ୫,୮୮୩ ରୁ କ୍ୱିଂଟାଲ ପିଛା ୨,୯୬୯ ଟଙ୍କା ପର୍ଯ୍ୟନ୍ତ । ମାଣ୍ଡି ମୂଲ୍ୟରେ ସମାନ ହ୍ରାସ ପିମ୍ପଲଗାଓଁ, ମଦନପାଲ୍ ଏବଂ କୋଲାର ଭଳି ବେଂଚମାର୍କ ମାର୍କେଟରୁ ରିପୋର୍ଟ କରାଯାଇଛି । ଟମାଟୋର ମୋଟ ବାର୍ଷିକ ଉତ୍ପାଦନ, କୃଷି ବିଭାଗର ତୃତୀୟ ଅଗ୍ରୀମ ଆକଳନ ଅନୁଯାୟୀ ୨୦୨୩-୨୪ ରେ ୨୧୩.୨୦ ଲକ୍ଷ ଟନ୍; ୨୦୨୨-୨୩ ରେ ୨୦୪.୨୫ ଲକ୍ଷ ଟନ୍ ଉପରେ ୪% ବୃଦ୍ଧି । ଯଦିଓ ଟମାଟୋ ବର୍ଷସାରା ଉତ୍ପାଦିତ ହୁଏ, ଉତ୍ପାଦନ କ୍ଷେତ୍ରରେ ସ୍ୱଳ୍ପବୟସ୍କ ଭତ୍ତୁକାଳୀନତା ଏବଂ ଉତ୍ପାଦନର ପରିମାଣ ଅଛି । ପ୍ରତିକୂଳ ପାଣିପାଗ ଅବସ୍ଥା ଏବଂ ସାମାନ୍ୟ ଲଜିଷ୍ଟିକ୍ ବ୍ୟାଘାତ ଟମାଟୋ ଫସଲର ଅଧିକ ସମ୍ବେଦନଶୀଳତା ଏବଂ ଫଳର ଅଧିକ ନଷ୍ଟ ହେତୁ ମୂଲ୍ୟ ଉପରେ ବିଶେଷ ପ୍ରଭାବ ପକାଇଥାଏ । ଅକ୍ଟୋବର, ୨୦୨୪ ରେ ଟମାଟୋ ମୂଲ୍ୟରେ ବୃଦ୍ଧି ଆନ୍ଧ୍ରପ୍ରଦେଶ ଏବଂ କର୍ଣ୍ଣାଟକରେ ଅତ୍ୟଧିକ ଏବଂ ଦୀର୍ଘ ବର୍ଷା ହେତୁ ହୋଇଥିଲା । ଭାରତର ବିଭିନ୍ନ ଅଂଚଳରେ ଟମାଟୋ ଉତ୍ପାଦନରେ ସାଧାରଣ ସ୍ୱଳ୍ପବୟସ୍କ ଭତ୍ତୁ ଦେଖାଇଲା ଯେ ଅକ୍ଟୋବର ଏବଂ ନଭେମ୍ବର ପ୍ରମୁଖ ଉତ୍ପାଦନକାରୀ ରାଜ୍ୟଗୁଡିକରେ ମୁଖ୍ୟ ବିହନ ସମୟ ଅଟେ । ବଜାରରେ ଟମାଟୋର ନିରନ୍ତର ଉପଲବ୍ଧତା, ଫସଲର ଚାଷ ପାଇଁ ସ୍ୱଳ୍ପ ସମୟ ଏବଂ ଫଳଗୁଡିକ ଏକାଧିକ ସଂଗ୍ରହ ହେତୁ ନିର୍ଣ୍ଣିତ କରାଯାଏ । ମଦନାପାପଲେ ଏବଂ କୋଲାର ପ୍ରମୁଖ ଟମାଟୋ କେନ୍ଦ୍ରରେ ଆଗମନ ହ୍ରାସ ହୋଇଥିଲେ ମଧ୍ୟ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଗୁଜୁରାଟ ଭଳି ରାଜ୍ୟର ପକେଟରୁ ବକ୍ଷ ତୁକାଳୀନ ଆଗମନ ହେତୁ ମୂଲ୍ୟ ହ୍ରାସ ପାଇଛି ଯାହା ସାରା ଦେଶରେ ଯୋଗାଣରେ ଥିବା ଫାଙ୍କା ପୂରଣ କରୁଛି । ତାରିଖ ଅନୁଯାୟୀ, ଫସଲ ପାଇଁ ପାଣିପାଗ ମଧ୍ୟ ଅନୁକୂଳ ହୋଇଛି ଏବଂ ଯୋଗାଣ ଶୃଙ୍ଖଳା ମଧ୍ୟରେ ଏକ ଭଲ ପ୍ରବାହ ବଜାୟ ରଖିବା ପାଇଁ ଗ୍ରାହକଙ୍କୁ କ୍ଷେତ୍ର ଗଠନ କରିଥାଏ ।

# ଭାରତର ପ୍ରଥମ ଦୂରଗାମୀ ହାଇପରସୋନିକ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ : ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ନଭେମ୍ବର ୨୪, ୨୦୨୪ ରେ ଓଡ଼ିଶା ଉପକୂଳବର୍ତୀ ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଭାରତର ପ୍ରଥମ ଦୂରଗାମୀ ହାଇପରସୋନିକ୍ କ୍ଷେପଣାସ୍ତ୍ରର ଏକ ସଫଳ ବିମାନ ପରୀକ୍ଷଣ କରିଥିଲା । ସଶସ୍ତ୍ର ବାହିନୀ ପାଇଁ ୧,୫୦୦ କିଲୋମିଟରରୁ ଅଧିକ । ରାତ୍ରିରେ ଏକ ରକେଟ୍ ଉତକ୍ଷେପଣ ସ୍ୱୟଂଚାଳିତ ଭାବରେ ସୃଷ୍ଟି ହୁଏ । ଏକାଧିକ ଡୋମେନରେ ନିୟୋଜିତ ବିଭିନ୍ନ ସିଷ୍ଟମ ଦ୍ୱାରା ଏହି ମିସାଇଲକୁ ଟ୍ରାକ କରାଯାଇଥିଲା । ଡାଉନ୍ ରେଞ୍ଜ୍ ଜାହାଜ ଷ୍ଟେସନରୁ ପ୍ରାପ୍ତ ବିମାନ ତଥ୍ୟ ସଫଳ ଟର୍ମିନାଲ୍ ମନିଭର୍ସ ଏବଂ ଉଚ୍ଚତର ସଠିକତା ସହିତ ପ୍ରଭାବକୁ ନିର୍ଣ୍ଣିତ କଲା । ଏହି ମିସାଇଲକୁ ହାଇଦ୍ରାବାଦର ଡ ଉକ୍ସ ଏପିଜେ ଅବଦୁଲ କଲାମ ମିସାଇଲ କମ୍ପ୍ଲେକ୍ସର



ଲାବୋରେଟୋରୀ ଏବଂ ଅନ୍ୟାନ୍ୟ ଉଜଡଡ ଲାବୋରେଟୋରୀ ଏବଂ ଇଣ୍ଡଷ୍ଟ୍ରି ପାର୍ଟନର୍ସ ଦ୍ୱାରା ସ୍ୱଦେଶୀ ଭାବରେ ବିକଶିତ କରାଯାଇଛି । ସଶସ୍ତ୍ର ବାହିନୀର ଅଧିକାରୀଙ୍କ ଉପସ୍ଥିତିରେ ଏହି ବିମାନ ପରୀକ୍ଷା କରାଯାଇଥିଲା । ଏକ୍ସ ରେ ଏକ ପୋଷ୍ଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ବିମାନ ପରୀକ୍ଷାକୁ ଏକ ଐତିହାସିକ ସଫଳତା ବୋଲି ବର୍ଣ୍ଣନା କରିଛନ୍ତି ଯାହାକି ଭାରତକୁ ଏପରି ଗୁରୁତ୍ୱପୂର୍ଣ୍ଣ ତଥା ଉନ୍ନତ ସାମରିକ ପ୍ରଯୁକ୍ତିବିଦ୍ୟା କ୍ଷମତା ବିଶିଷ୍ଟ ଚୟନକାରୀ ଦଳ ମଧ୍ୟରେ ସ୍ଥାନିତ କରିଛି । ସଫଳ ବିମାନ ପରୀକ୍ଷା ପାଇଁ ସେ ଉଜଡଡ, ସଶସ୍ତ୍ର ବାହିନୀ ଏବଂ ଶିଳ୍ପକୁ ଅଭିନନ୍ଦନ ଜଣାଇଛନ୍ତି ।

# ଡେନମାର୍କର ଭିକ୍ଟୋରିଆ କେଜିର୍ ହେଲେ ମିସ୍ ୟୁନିଭର୍ସ ୨୦୨୪

ନୂଆଦିଲ୍ଲୀ : ଘୋଷଣା ହେଲା ମିସ୍ ୟୁନିଭର୍ସ ୨୦୨୪ । ଚଳିତ ବର୍ଷର ପ୍ରତିଯୋଗିତାର ୭୩ ତମ ସଂସ୍କରଣ ମେକ୍ସିକୋର ଆରେନା



ଉ ଉ ଗ ଢ ମେକ୍ସିକୋ ସିଟିରେ ଅନୁଷ୍ଠିତ ହୋଇଥିଲା । ମିସ୍ ୟୁନିଭର୍ସ ୨୦୨୪ ର ଗ୍ରାଣ୍ଡ ଫାଇନାଲରେ ମିସ୍ ୟୁନିଭର୍ସର ବିଜେତା ହୋଇଛନ୍ତି ଡେନମାର୍କର ଭିକ୍ଟୋରିଆ କେଜିର୍ । ପ୍ରଥମ ରନର୍ ଅପ୍ ନାଇଜେରିଆର ଚିଡିମ୍ମା ଆଡେଟସିନା, ଦ୍ୱିତୀୟ ରନର୍ ଅପ୍ ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲ୍ଟ୍ରାନ୍, ତୃତୀୟ ରନର୍ ଅପ୍ ଥାଇଲ୍ୟାଣ୍ଡର ଓପାଲ୍ ସୁଚାଟା ଚୁଆଙ୍ଗସ୍ରି ଏବଂ ଚତୁର୍ଥ ରନର୍ ଅପ୍ ଭେନେଜୁଏଲର ଇଲିଆନା ମାର୍କେଜ୍ ହୋଇଛନ୍ତି । ଏ ସମସ୍ତଙ୍କୁ ପଛରେ ପକାଇ ମିସ୍ ୟୁନିଭର୍ସ ୨୦୨୪ ଟାଇଟଲ୍ ହାତେଇଛନ୍ତି ଭିକ୍ଟୋରିଆ କେଜିର୍ । ଚଳିତ ବର୍ଷର ମିସ୍ ୟୁନିଭର୍ସ ୨୦୨୪ ସୌନ୍ଦର୍ଯ୍ୟ ଭାରତର ରିୟା ସିଙ୍ଘା ମଧ୍ୟ ସାମିଲ ହୋଇଥିଲେ । ଯିଏ ଶ୍ରେଷ୍ଠ ୩୦ ରେ ତାଙ୍କ ସ୍ଥାନ ସୁରକ୍ଷିତ କରିଥିଲେ । କିନ୍ତୁ ଶ୍ରେଷ୍ଠ ୧୨ ରେ ପ୍ରବେଶ କରିପାରି ନଥିଲେ ଚଳିତ ବର୍ଷ ୧୨୫ ଟି ଦେଶରୁ ପ୍ରତିଯୋଗୀମାନେ ଏଥିରେ ଭାଗ ନେଇଥିଲେ । ତେବେ ଗତ ବର୍ଷର ମିସ୍ ୟୁନିଭର୍ସ ବିଜେତା ନିକାରାଗୁଆର ଶେନିସ୍ ପାଲାସିଓସ୍ ଚଳିତ ବର୍ଷର ମିସ୍ ୟୁନିଭର୍ସ ବିଜେତା ଭିକ୍ଟୋରିଆ କେଜର୍ ଥେଲଭିଗଙ୍କୁ ବିଜେତା ଭାବରେ ମୁକୁଟ ପିନ୍ଧାଇଛନ୍ତି ।

# ଚୀନ୍‌କୁ ହରାଇ ସେମିରେ ଭାରତ




ପାଟନା : ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଚୀନ୍‌କୁ ୩-୦ ଗୋଲ୍‌ରେ ହରାଇ ଭାରତୀୟ ଦଳ ଏସୀୟ ମହିଳା ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛି । ବିହାରର ରାଜଗିରଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଭାରତ ଏକତରଫା ଭାବେ ବିଜୟୀ ହୋଇଥିଲା । ପ୍ରଥମ ଦୁଇ କ୍ୱାର୍ଟର ଗୋଲ୍‌ଶୂନ୍ୟ ରହିବା ପରେ ତୃତୀୟ କ୍ୱାର୍ଟରରେ ସଙ୍ଗୀତା କୁମାରୀ (୩୨ ମିନିଟ୍) ଓ ଅଧିନାୟିକା ସଲିମା ଟେଟେ (୩୭ ମିନିଟ୍) ଦୁଇଟି ଫିଲ୍ଡ ଗୋଲ୍ ଦେଇ ଭାରତକୁ ଆଗୁଆ କରିଥିଲେ । ଚୀନ୍ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଗୋଲ୍ ଶୁଝିବାରେ ସଫଳ ହୋଇ ନଥିଲା । ଶେଷ ମିନିଟ୍‌ରେ ପ୍ରତିଯୋଗିତାର ସର୍ବୋଚ୍ଚ ଗୋଲ୍‌ସ୍କୋରର ଦୀପିକା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରୁ ଭାରତ ଏକତରଫା ଭାବେ ବିଜୟୀ ହୋଇଥିଲା । ଫଳରେ ବିଶ୍ୱର ଷଷ୍ଠ ମାନ୍ୟତାପ୍ରାପ୍ତ ଚୀନ୍‌କୁ ନବମ ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ହରାଇବା ପରେ ଚଳିତ ପ୍ରତିଯୋଗିତାରେ ଏହା ଲଗାତାର ଚତୁର୍ଥ ବିଜୟ ଥିଲା । ଏବେ ଭାରତ ଏହି ୬ ଦଳୀୟ ପ୍ରତିଯୋଗିତାରେ ୮ ପଏଂଟ୍ ପାଇ ଶୀର୍ଷରେ ରହିଛି । ଭାରତ ଏହାର ଶେଷ ଲିଗ୍ ମ୍ୟାଚ୍ ରବିବାର ଜାପାନ୍ ବିପକ୍ଷରେ ଖେଳିବ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- **Dulal Mishra**, ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**